READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ନିଆଳୀ : ସରିଗଲା ଦୋପଟୀ ମେଳଣ ...

ବର୍ଷ-୪ ସଂଖ୍ୟା-୧୦ ୧୬ - ୨୨ ମାର୍ଚ୍ଚ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-10 16th - 22nd MARCH, 2020 BHUBANESWAR ₹ 5/- (8 Pages)

# ଅଦୃଶ୍ୟ ଆତଙ୍କ କରୋନା

## ରାଜ୍ୟ ବିପର୍ଯ୍ୟୟ ଘୋଷଣା

- ଧାରଣା, ବାହାଘର ଓ ସଭାସମିତି ମନା
- ମିଥ୍ୟା ଖବର ପାଇଁ କାର୍ଯ୍ୟାନୁଷ୍ଠାନ
- ସିନେମା ହଲ୍, ଜିମ୍, ସୁଇମିଂପୁଲ୍ ବନ୍ଦ
- ୩୧ ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ବନ୍ଦ
- ପରୀକ୍ଷା ଓ ମୂଲ୍ୟାୟନ ଚାଲିବ
- ପ୍ରେକ୍ଷାଳୟ ବନ୍ଦ, କାର୍ଯ୍ୟକ୍ରମ ବାତିଲ
- ବନ୍ଦ ହେଲା ପ୍ଲାନେଟୋରିୟମ ସୋ'




**ଭୁବନେଶ୍ୱର:** କରୋନା ପାଇଁ ରାଜ୍ୟରେ ଲାଗୁ ହେଲା ୧୮୯୭ ମସିହା ମହାମାରୀ ରୋଗ ଆଇନ ବା ଏପିଡେମିକ ଡିଜିଜ୍ ଆକ୍ଟ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନାକୁ ବିଶ୍ୱ ମହାମାରୀ ଘୋଷଣା କଲା ପରେ ସାରା ଦେଶରେ ପ୍ରତିକାରମୂଳକ ପଦକ୍ଷେପ ଆରମ୍ଭ ହୋଇଛି। ଓଡ଼ିଶା ଉପରେ କରୋନାର ସେଭଳି ପ୍ରଭାବ ପଡି ନଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ କ୍ୟାବିନେଟ୍‌ର ଜରୁରୀ ବୈଠକ ଡକାଯାଇ କରୋନା ମୁକାବିଲା ପାଇଁ ବହୁ ପ୍ରସ୍ତାବ ଗ୍ରହଣ କରାଯାଇଛି। କରୋନାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରାଯିବା ସହ ଏହାର ମୁକାବିଲା ପାଇଁ ୨୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେବଳ ସେତିକି ନୁହେଁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ସ୍କୁଲ, କଲେଜ ବନ୍ଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏ ସଂପର୍କରେ ବିବୃତି ଦେଇ କରୋନା ଭୂତାଣୁର ମୁକାବିଲା ପାଇଁ ସରକାର ନେଇଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଛନ୍ତି।

ବିପର୍ଯ୍ୟୟ ପ୍ରଶମନ ଆଇନ୍ -୨୦୦୫ ଅନୁସାରେ ଏହାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରାଯାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ଏହାବ୍ୟତୀତ କୋଭିଡ-୧୯ ଓଡ଼ିଶା ନିୟନ୍ତ୍ରଣ, ୨୦୨୦ ଅନୁମୋଦନ ଲାଭ କରିଛି। ଏହାକୁ ଅମାନ୍ୟ କଲେ କଠୋର ଦଣ୍ଡ ବ୍ୟବସ୍ଥା ହୋଇଛି। ଏହାପୂର୍ବରୁ ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। କରୋନା ମୁକାବିଲା ଲାଗି ସରକାର ୨୦୦କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍‌କୁ ମଞ୍ଜୁର କରିଛନ୍ତି। ଏହି ଅର୍ଥ ସବୁ ଜିଲ୍ଲାକୁ ଯୋଗାଇ ଦିଆଯିବ ଏବଂ ସେଥିରେ ଯଥେଷ୍ଟ ମାତ୍ରାରେ ଔଷଧପତ୍ର, ସଂରଜାମ, ମାସ୍କ, ପେପର ସପ୍, ପରିମଳ ସାମଗ୍ରୀ ମହଜୁଦ୍ ରଖିବାକୁ ଜିଲ୍ଲାପାଳମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଏହି ବିଭାଗ ଅଧିନରେ ଥିବା ନିର୍ଦ୍ଦେଶକମାନଙ୍କୁ ପ୍ରତିଷେଧକ ସଂରଜାମ କିଣିବାକୁ କ୍ଷମତା ଦିଆଯାଇଛି। ଜିଲ୍ଲାପାଳ ଓ ମହାନଗର ନିଗମର କମିଶନରମାନଙ୍କୁ ମଧ୍ୟ ଅନୁରୂପ କ୍ଷମତା ମିଳିଛି। ସେମାନେ ଆବଶ୍ୟକ ଔଷଧପତ୍ର, ସଂରଜାମ, ପ୍ରତିଷେଧକ କିଣିପାରିବେ ବୋଲି ➤ ପୃ-୬

## ସାର୍କ ରାଷ୍ଟ୍ର ଏକାଠି ହେବାକୁ ମୋଦିଙ୍କ ଆହ୍ୱାନ



**ନୂଆଦିଲ୍ଲୀ :** କରୋନା ଭାଇରସ ମୁକାବିଲା ଦିଗରେ ସମସ୍ତ ସାର୍କ ରାଷ୍ଟ୍ର ନେତୃବନ୍ଦ ମିଳିବ ହୋଇ ଏକ ରଣନୀତି ପ୍ରସ୍ତୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ସାର୍କ ନେତାମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କରୋନା ଭୂତାଣୁ ମୁକାବିଲା ସମ୍ପର୍କରେ ଆଲୋଚନା କରି ମିଳିତ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ମୋଦୀ କହିଛନ୍ତି। ତାଙ୍କ ମତରେ ଏଭଳି ଆଭିମୁଖ୍ୟ ଗ୍ରହଣ କରିବା ଫଳରେ ସାର୍କ ନେତାମାନେ ବିଶ୍ୱବାସୀଙ୍କ ନିକଟରେ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିବେ। ➤ ପୃ-୬

## ବିଶ୍ୱରେ ମୃତ୍ୟୁସଂଖ୍ୟା ୫ ହଜାର ଟପିଲା



**ବେଜିଂ :** ସାରା ବିଶ୍ୱରେ ହାହାକାର ସୃଷ୍ଟି କରିଥିବା ମହାମାରୀ କରୋନା ଭାଇରସ ଅଣାୟତ୍ତ ହେବାରେ ଲାଗିଛି। ଚୀନ୍‌ରୁ ସୃଷ୍ଟି ହୋଇଥିବା ଏହି ପ୍ରାଣଘାତୀ ଭାଇରସ ଇତି ମଧ୍ୟରେ ବିଶ୍ୱର ୧୨୭ରୁ ଅଧିକ ରାଷ୍ଟ୍ରରେ ଆତଙ୍କ ସୃଷ୍ଟି କରିଛି। ପ୍ରତିଦିନ ଶହଶହ ଲୋକ ଏହି ଭାଇରସରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଏପର୍ଯ୍ୟନ୍ତ କୌଣସି ରାଷ୍ଟ୍ର ଏହି ମହାମାରୀକୁ ରୋକିବା ପାଇଁ ଔଷଧ କିମ୍ବା ଟୀକା ବାହାର କରି ପାରି ନଥିବା ବେଳେ ଦିନକୁ ଦିନ ଏହା ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। କରୋନା ଭାଇରସରେ ଆକ୍ରାନ୍ତ ହୋଇ ଏଯାଏ ବିଶ୍ୱରେ ୪୯୬୮ଜଣ ଲୋକ ପ୍ରାଣ ହରାଇ ସାରିଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଏହି ଭାଇରସ ୩୫୧ଜଣଙ୍କ ମୁଣ୍ଡ ନେଇଛି। ସେହିପରି ୬,୭୨୯ ଜଣ ନୂଆ ରୋଗୀ ଏଥିରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ ସାରା ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩୪୩୧୭ରେ ପହଞ୍ଚି ଯାଇଛି। ଚୀନ୍ ପରେ ଇଟାଲୀ ଓ ଇରାନରେ କରୋନା ତାଣ୍ଡବ ରଚିଛି। ଇଟାଲୀରେ କରୋନା ଜନିତ ମୃତ୍ୟୁସଂଖ୍ୟା ୮୨୭ ଥିବା ବେଳେ ଏହା ୧୦୧୬ରେ ପହଞ୍ଚି ଯାଇଛି। ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ୨୧% ବୃଦ୍ଧି ପାଇ ୧୫,୧୧୩ ଛୁଇଁଛି। ସ୍ଥିତିକୁ ଦୃଷ୍ଟିରେ ରଖି ଇଟାଲୀକୁ ଲକଡାଉନ୍ କରାଯାଇଛି। ୯୦୦ କ୍ୟାଥୋଲିକ ଚର୍ଚ୍ଚରେ ପ୍ରାର୍ଥନା କରିବାକୁ ବାରଣ କରାଯାଇଛି। ଇରାନରେ ମଧ୍ୟ ୪ ଶହରୁ ଅଧିକ ଲୋକ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଏଠାରେ କରୋନାଙ୍କ ସଂଖ୍ୟା ୧୦ ହଜାର ଡେଇଁଛି। ଇଟାଲୀ ଓ ଇରାନ ବ୍ୟତୀତ ଫ୍ରାନ୍ସ, ଆୟରଲାଣ୍ଡ, ଅଷ୍ଟ୍ରିଆ, ତୁର୍କୀ ଓ ନରୱେରେ ମଧ୍ୟ ସମସ୍ତ ସ୍କୁଲ, କଲେଜ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରାଯାଇଛି। କେବଳ ଜରୁରୀ କାଳୀନ ସେବା ଉପଲବ୍ଧ କରୁଥିବା ଦୋକାନ ଖୋଲା ରହିଛି। ଫ୍ରାନ୍ସରେ ଏଯାଏ ୬୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨,୮୭୬ଜଣ ଆକ୍ରାନ୍ତ ହୋଇଛନ୍ତି। ସ୍ପେନରେ ୮୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦୦୪ଜଣ ଆକ୍ରାନ୍ତ ହୋଇଛନ୍ତି। ଆମେରିକାରେ କରୋନା ଜନିତ ମୃତ୍ୟୁସଂଖ୍ୟା ୪୧ରେ ପହଞ୍ଚିଛି। ଭାଇରସର ପ୍ରାଣକେନ୍ଦ୍ର କୁହାଯାଉଥିବା ଚୀନ୍‌ରେ ଗତ ୨୪ ଘଣ୍ଟାରେ ୮ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଏଯାବତ୍ ଏଠାରେ ୩,୧୭୯ଜଣଙ୍କ ମୃତ୍ୟୁ ଘଟିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ୮ଜଣଙ୍କ ମଧ୍ୟରୁ ୬ଜଣ ହୁବେଇ ପ୍ରଦେଶର। ଏବେ ୮୦,୮୧୩ଜଣ ଲୋକ କରୋନାରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ବକ୍ରବାଣୀ



ଇୟେସ ବେଏଙ୍କେ ଥୋଇଲେ ନେଇ
ମଉଜ କରିଲେ ବିଦେଶ ଯାଇ
ବିଧାନସଭାରେ କାଳେ ଉଠିବ
ନିର୍ମଳ ସର୍କାର ନାକ କଟିବ
ଡରି ମରିକି ମୁଲତବି କଲେ
କରୋନା ଭୂତାଣୁ ନାଆଁଟି ନେଲେ
ତହୁଁ ଯୋଡିଦେଲେ ଛାମୁ ଆମର
ସୁଇମିଙ୍ଗ୍ ପୁଲ୍ ଇସ୍କୁଲ ଘର
ବାକି ଯେତେ ସବୁ ରହିବ ଖୋଲା
କରୋନା ପାଇଁକି ସାହାଣ ମେଳା।

—— ଟୁଟୁ

## ନାଲ୍‌କୋ ଛକ ପର୍ଯ୍ୟନ୍ତ ଚାଲୁ ଡିପୋ ଫେରନ୍ତା 'ମୋ ବସ୍'

# ରାତି ୯ ପରେ ଯାତ୍ରୀ ହନ୍ତସନ୍ତ

**ଭୁବନେଶ୍ୱର :** ରାଜଧାନୀରେ 'ମୋ ବସ୍' ଚଳାଚଳ କରିବା ପରେ ଯାତ୍ରୀମାନେ ଏକପ୍ରକାର ଆଶ୍ୱସ୍ତ ହୋଇଥିଲେ ବି ଏହାର ସମୟସାରଣୀରେ ବ୍ୟତୀକ୍ରମକୁ ନେଇ ଅନେକ ସମୟରେ ଅଡୁଆରେ ପଡିବାକୁ ପଡୁଛି। 'ମୋ ବସ୍' ଆପ୍ ଠିକ୍ ଭାବେ ଅପ୍‌ଡେଟ୍ ହେଉନଥିବାରୁ ଅପେକ୍ଷାରତ ଯାତ୍ରୀମାନେ ବସ୍ ଆସିବାର ସଠିକ୍ ସମୟ ମଧ୍ୟ ଜାଣିପାରୁ ନାହାନ୍ତି। ଯେଉଁଥିପାଇଁ ବାଧ୍ୟରେ ଅଟୋରିକ୍ସାରେ ଯିବାକୁ ଉଚିତ୍ ମଣୁଛନ୍ତି। ଏଜି ଛକରେ ବସ୍ ରହଣୀ ପାଇଁ ଷ୍ଟପେଜ୍ ନିର୍ମାଣ ନହୋଇଥିଲା ବେଳେ ଜୟଦେବ ବିହାରରୁ ଶାସ୍ତ୍ରୀ ନଗର ଦିଗକୁ ଆସୁଥିବା ବସ୍ ରହଣୀ ସ୍ଥାନ ବା ବସ୍ ଷ୍ଟପ୍ ସାମ୍ନାରେ ଲୁହା ବ୍ୟାରିକେଡ୍ ରହିଛି। ଯେଉଁ ଯାତ୍ରୀମାନେ ଏହି ବସ୍ ଷ୍ଟପେଜ୍‌ରେ ଅପେକ୍ଷା କରିବେ ସେମାନେ ବସ୍ ଆସିବା ସମୟକୁ କିପରି ରାସ୍ତାକୁ ଓହ୍ଲାଇବେ ତାହା ଚିନ୍ତାର କାରଣ। ହକି ବିଶ୍ୱକପ ବେଳେ ନିର୍ମାଣ ହୋଇଥିବା ସବୁ ବସ୍

### ନୀଳାଦ୍ରି ବିହାର ଓ ଲୁମ୍ବିନି ବିହାରକୁ କେବେ ଗଡିବ

ଷ୍ଟପରେ ରାତି ବେଳା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲେ ବି ବର୍ତ୍ତମାନ ତାହା ଆଉ ଦେଖିବାକୁ ମିଳୁନି। ନା ଅଛି ବିଜ୍ଞାପନ ନା ଚାକଚକ୍ୟ। ସବୁଠି ଅନ୍ଧାରର ରାଜତ୍ୱ। ଯେଉଁଥିପାଇଁ ସଂଧ୍ୟା ପରେ ଯାତ୍ରୀମାନେ ଏହି ବସ୍



ଷ୍ଟପେଜ୍‌ରେ ବସିବା ପାଇଁ ଉପଯୁକ୍ତ ମଣୁନାହାନ୍ତି। କାରଣ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ସହିତ ପାଗଳ ଓ ଭିକାରୀମାନଙ୍କ ଉତ୍ପାତ ବଢୁଛି। ଅଧିକାଂଶ ବସ୍ ଷ୍ଟପେଜ୍‌ରେ ଭିକାରୀମାନେ ଅଳିଆ ଆବର୍ଜନ ନେଇ ଖେଳାଇ ଶୋଇ ରହୁଥିଲା ବେଳେ ଆଉ କେହି କେହି ରାତ୍ରୀ ବିଶ୍ରାମସ୍ଥଳୀ ଭାବେ ଏହାକୁ ବ୍ୟବହାର କରୁଛନ୍ତି। ତେଣୁ 'ମୋ ବସ୍' ଲକ୍ଷ୍ୟ ଠାରୁ ଦୂରେଇ ଯାଇଥିବା ଅଧିକାଂଶ ଅଭିଯୋଗ କରୁଛନ୍ତି। ବିଭିନ୍ନ ରୁଟ୍ ବସ୍ ଷ୍ଟପେଜ୍‌ରେ ଥିବା ସୂଚନା ଫଳକ ଅନୁସାରେ ପ୍ରତି ୨୦ ମିନିଟ୍ ବ୍ୟବଧାନରେ 'ମୋ ବସ୍' ଆସିବା କଥା। କିନ୍ତୁ ବାସ୍ତବରେ ଏହା ପାଳନ କରାଯାଉନାହିଁ। କେତେବେଳେ ୪୫ ମିନିଟ୍‌ରୁ ୧ଘଣ୍ଟା ବିଳମ୍ବରେ ମଧ୍ୟ ଷ୍ଟପେଜ୍‌ରେ ଲାଗୁଛି ବସ୍। ତେବେ ଏଯାବତ୍ ଭୁବନେଶ୍ୱରର ସବୁ ରୁଟ୍‌ରେ 'ମୋ ବସ୍' ଚଳାଚଳ କରିପାରିନାହିଁ। ଆଶା ଥିଲା ସବୁ ଅଞ୍ଚଳ ସହିତ 'ମୋ ବସ୍'ର ସଂଯୋଗ ରହିବ ଏବଂ ବିଭିନ୍ନ ନୂତନ କଲୋନୀରେ ରହୁଥିବା ଲୋକ ଉପକୃତ ହେବେ। 'ମୋ ବସ୍' ଚଳାଚଳ କରିବା ଦିନରୁ ଜନବହୁଳ ଅଞ୍ଚଳ ଭାବେ ➤ ପୃ-୬

## ପୁନରୁଦ୍ଧାର ହେବ ତାଳଚେର ସମେତ ୫ ସାର କାରଖାନା

**ନୂଆଦିଲ୍ଲୀ :** ଦେଶରେ ବନ୍ଦ ପଡିରହିଥିବା ୫ଟି ସାର କାରଖାନକୁ ସରକାର ପୁନରୁଦ୍ଧାର କରିବା ଲାଗି ସ୍ଥିର କରିଛନ୍ତି । ଫର୍ଟିଲାଇଜର କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ (ଏଫସିଆଇଏଲ) ଅଧୀନରେ ଥିବା ତାଳଚେର, ରାମଗୁଣ୍ଡମ, ଗୋରଖପୁର ଏବଂ ସିନ୍ଦ୍ରୀ ସହିତ ହିନ୍ଦୁସ୍ତାନ ଫର୍ଟିଲାଇଜର କର୍ପୋରେସନ ଲିମିଟେଡ (ଏଫସିଆଇଏଲ) ଅଧୀନରେ ଥିବା ବରୌନୀ ସାର କାରଖାନାର ପୁନରୁଦ୍ଧାର କରାଯିବ । ମନୋନୀତ ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକୁ ନେଇ ଯୌଥ ଉଦ୍ୟୋଗ ଗଠନ କରାଯାଇ ବାର୍ଷିକ ୧୨.୭ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ୟୁରିଆ ଆମୋନିଆ କାରଖାନା ପ୍ରତିଷ୍ଠା କରାଯିବ। ସେପ୍ଟେମ୍ବର ୨୦୨୩ ସୁଦ୍ଧା ଏଗୁଡିକ କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି। ଏହି କାରଖାନାଗୁଡିକୁ ପୁନରୁଦ୍ଧାର କରାଯିବା ଦ୍ୱାରା ୟୁରିଆର ସ୍ୱଦେଶୀ ଉତ୍ପାଦନ ବାର୍ଷିକ ୬୩.୫ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇବା ସହିତ ୟୁରିଆ ଆମଦାନୀ ହ୍ରାସ ପାଇବ। ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତରରେ ଆଜି କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଶ୍ରୀ ଡି.ଭି.ସଦାନନ୍ଦ ଗୌଡା ଏହି ସୂଚନା ଦେଇଛନ୍ତି।




# ୫-ଟି ଓ ମୋ ସରକାର କୁଆଡେ !

## ପିଆରଏମ୍ ମେଡ଼ିକାଲ ଚିକିତ୍ସାରେ ଅବହେଳା

**ବାରିପଦା,(ସଦାନନ୍ଦ ସାହୁ):** ସରକାରୀ ଯୋଜନାର ସଫଳ ରୂପାୟନ ସହ ପ୍ରଶାସନର ସ୍ପନ୍ଦନ ସାଧାରଣରେ ପ୍ରତିଫଳିତ କରାଇବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପବିତ୍ର ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରିଛନ୍ତି ମୋ ସରକାର କାର୍ଯ୍ୟକ୍ରମ । ପ୍ରଶାସନକୁ ଲୋକାଭିମୁଖୀ, ସଶକ୍ତ ଓ କ୍ରିୟାଶୀଳ କରାଇବା ସହ ଅଧିକ ଉତ୍ତରଦାୟୀ ଓ ଲୋକମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ କର୍ମଚାରୀମାନଙ୍କୁ ସୁଶାସନ ଗୁରୁମନ୍ତ୍ର ଶୁଣାଇଥିଲେ । ସେହିପରି ମୋ ସାରକାର କାର୍ଯ୍ୟକ୍ରମରେ ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା । ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଜନାତାଙ୍କ କଲ୍ୟାଣ ପାଇଁ, ଲୋକମାନଙ୍କ ପଇସାରେ, ଜନତାଙ୍କ ସେବା ଓ ସଶକ୍ତିକରଣ ପାଇଁ ସୃଷ୍ଟି କରାଯାଇଛି । ମୋ ସରକାରରେ ସାମିଲ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଡାକ୍ତରଖାନା, ହସ୍ପିଟାଲ ରୋଗୀଙ୍କ ସେବା ପାଇଁ ହୋଇଛି ।



ଜନତାହିଁ ଏହାର ପ୍ରକୃତ ମାଲିକ । ହସପିଟାଲକୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ବୃତ୍ତିଗତ ଓ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମସ୍ୟାଗୁଡ଼ିକ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଲୋକମାନେ ହେଉଛନ୍ତି ପ୍ରକୃତ ସରକାର ଏବଂ ହସ୍ପିଟାଲରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଲୋକମାନଙ୍କ ପଇସାରେ ବେତନ ନେଉଛନ୍ତି । ଏସବୁ କାର୍ଯ୍ୟକାରୀ ହୋଇପାରିରେ ସୁଶାସନ ସମ୍ଭବ ହେବ । ସେହିପରି ପ୍ରଯୁକ୍ତିବିଦ୍ୟା (ଟେକ୍ନୋଲୋଜି), ସମ୍ମିଳିତ ଉଦ୍ୟମ(ଟିମ ୱାର୍କ), ସ୍ୱଚ୍ଛତା (ଟ୍ରାନ୍ସପାରେନ୍ସି), ସମୟାନୁବର୍ତ୍ତୀତା(ଟାଇମ ଲାଇନ) ଓ ପରିବର୍ତ୍ତନ(ଟ୍ରାନ୍ସଫର୍ମେସନ)କୁ ୫-ଟି କାର୍ଯ୍ୟକ୍ରମକୁ ମୋ ସରକାରରେ ସାମିଲ କରାଯାଇଛି । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ଉକ୍ତ ମୋ ସରକାର ଓ ୫-ଟି ଛାଟରେ କେତେକ ଅସାଧୁ ଓ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ସରକାରୀ କର୍ମଚାରୀ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ବେଳେ ଏହା ମୟୂରଭଞ୍ଜ ଜିଲ୍ଲାରେ ପ୍ରଭାବହୀନ ସାବ୍ୟସ୍ତ ହୋଇଛି । ଜିଲ୍ଲାର ସଦର ମହକୁମା ବାରିପଦାସ୍ଥିତ ପଣ୍ଡିତ୍ ରଘୁନାଥ ମୁର୍ମୁ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା କାରଣରୁ ରୋଗୀର ମୃତ୍ୟୁ ଅଭିଯୋଗ ନିତିଦିନିଆ ଘଟଣାରେ ପରିଣତ ହୋଇ ଯାଇଛି । ବିଭିନ୍ନ ସମୟରେ ଏହି ପ୍ରକାରର ସଙ୍ଗୀନ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** — କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** — କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** — କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** — ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** — ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** — ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା** — ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** — ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** — ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** — ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସେନଗାରଙ୍କୁ ୧୦ ବର୍ଷ ଜେଲ୍

**ନୂଆଦିଲ୍ଲୀ :** ଉନ୍ନାଓ ପୀଡିତାଙ୍କ ବାପା ହତ୍ୟା ମାମଲାରେ ପୂର୍ବତନ ବିଧାୟକ କୁଳଦୀପ ସିଂହ ସେନଗାର ୧୦ ବର୍ଷ ଜେଲ୍ ଦଣ୍ଡ ଭୋଗିବେ। ସୁପ୍ରିମ୍‌କୋର୍ଟ ଆଜି ଏହି ସଜା ଶୁଣାଇଛନ୍ତି। ୨୦୧୭ରେ ଉନ୍ନାଓ ପୀଡିତାଙ୍କ ବାପାରଙ୍କର ମୃତ୍ୟୁ ହୋଇଥିଲା। ତେବେ କୁଳଦୀପ ସିଂହ ସେନଗାର ଏବେ ଉନ୍ନାଓ ଦୁଷ୍କର୍ମ ମାମଲାରେ ତିହାର ଜେଲରେ ଆଜୀବନ କାରାଦଣ୍ଡ କାଟୁଛନ୍ତି। ମାର୍ଚ୍ଚ ୪ରେ ସୁପ୍ରିମ୍‌କୋର୍ଟ କୁଳଦୀପ ସିଂ ସେନଗାରଙ୍କୁ ଏହି ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ବିଚାର ବିଭାଗୀୟ ହେପାଜତରେ ଥିବା ବେଳେ ପୀଡିତାଙ୍କ ବାପାଙ୍କର ଏପ୍ରିଲ୍ ୨୦୧୮ରେ ମୃତ୍ୟୁ ଘଟିଥିଲା। ପୀଡିତାଙ୍କ ବାପାଙ୍କୁ ମାଡ ମରାଯିବା ସହିତ ଏକ ମାମଲାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ତାଙ୍କୁ ବିଚାର ବିଭାଗୀୟ ହେପାଜତକୁ ନେଇ ପଚରାଉଚରା କରିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରାଧିକ ଷଡଯନ୍ତ୍ର (୧୨୦ ବି) ଅନୁଯାୟୀ କୁଳଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ। କୁଳଦୀପଙ୍କର ହତ୍ୟା କରିବାର ଉଦ୍ଦେଶ୍ୟ ନଥିଲା। ହେଲେ



ପୀଡିତାଙ୍କ ବାପାଙ୍କୁ ମାଡ ମରାଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ମାମଲାରେ କନଷ୍ଟେବଲ ଅମୀର ଖାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ କୋର୍ଟ। ଦୋଷୀ ସାବ୍ୟସ୍ତ କରିବା ବେଳେ ବିଚାରପତି ଉନ୍ନାଓ ପୀଡିତାଙ୍କୁ ପ୍ରଶଂସା କରିଥିଲେ। କୁଳଦୀପ ସେନଗାର ଜଣେ କ୍ଷମତାଶାଳୀ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ବିରୋଧରେ ପୀଡିତା ସ୍ୱର ଉଠାଇ ନ୍ୟାୟ ପାଇଁ ଲଢୁଥିବାରୁ ସୁପ୍ରିମ୍‌କୋର୍ଟର ବିଚାରପତି ପ୍ରଶଂସା କରିଥିଲେ। ଏଥିସହ ଦୁଷ୍କର୍ମ ଅଭିଯୋଗ ଆସିବା ପରେ କୁଳଦୀପ ସେନଗାର ପୀଡିତାଙ୍କ ବାପାଙ୍କ ନାମରେ ମିଛ ମାମଲା ରୁଜୁ କରି ତାଙ୍କୁ ଜେଲରେ ରଖିଦେଇଥିଲେ ବୋଲି କୋର୍ଟ କହିଥିଲେ। ସେତେବେଳେ କୁଳଦୀପ ରାଜ୍ୟର ଶାସକ ଦଳ ବିଜେପିର ବିଧାୟକ ଥିଲେ। ପୀଡିତା ଥାନାରେ ଏତଲା ଦେବା ପରେ ମଧ୍ୟ ଏହି ପୂର୍ବତନ ବାହୁବଳୀ ବିଧାୟକଙ୍କୁ ପୋଲିସ ଗିରଫ କରିଥିଲା। କୋର୍ଟ ମାମଲାରେ ହସ୍ତକ୍ଷେପ କରି ଯୋଗୀ ସରକାରଙ୍କୁ ତାଗିଦ କରିବା ପରେ ଗିରଫ ହୋଇଥିଲେ କୁଳଦୀପ। ଏହାପରେ ବିଜେପି ସେନଗାରିଙ୍କୁ ଅଗଷ୍ଟ ୨୦୧୯ରେ ଦଳରୁ ବହିଷ୍କୃତ କରିଥିଲେ। ଦୁଷ୍କର୍ମ ଓ ପୀଡିତାଙ୍କ ବାପାଙ୍କ ମାମଲାରେ ତଦନ୍ତ କରୁଥିବା ସିବିଆଇ ଏହି ମାମଲାରେ ଚର୍ଜସିଟ୍ ଦାଖଲରେ ବିଳମ୍ବ କରିଥିବାରୁ କୋର୍ଟ ମଧ୍ୟ ସିବିଆଇକୁ କଡା ସମାଲୋଚନା କରିଥିଲେ।

## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବୃଦ୍ଧି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ଲାଗି ୪ପ୍ରତିଶତ ଅତିରିକ୍ତ ମହଙ୍ଗା ଭତା ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। କର୍ମଚାରୀଙ୍କ ପାଇଁ ଡିଏ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଦର ସହାୟତା (ଡିଏଲ)ରେ ଏହି ବୃଦ୍ଧି ଗତ ଜାନୁଆରୀ ପହିଲା ଠାରୁ ପିଛିଲା ଭାବେ ଲାଗୁ ହେବ। ଦରଦାମ ବୃଦ୍ଧିକୁ ଆଖି ଆଗରେ ରଖି ବର୍ତ୍ତମାନର ୧୭ ପ୍ରତିଶତ ମହଙ୍ଗା ଭତାରେ ଆହୁରି ୪ ପ୍ରତିଶତ ବୃଦ୍ଧି ପାଇଁ କ୍ୟାବିନେଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। ଡିଏ ଓ ଡିଏଲରେ ଏହି ବୃଦ୍ଧି ଫଳରେ ରାଜକୋଷ ଉପରେ ବାର୍ଷିକ ୧୨,୫୧୦.୦୪ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ ଏବଂ ୨୦୨୦-୨୧ ବର୍ଷରେ ଏଥିପାଇଁ ମୋଟ ୧୪,୫୯୫.୦୪ କୋଟି ଟଙ୍କା ବ୍ୟୟ କରାଯିବ (ଜାନୁଆରୀ, ୨୦୨୦ ଠାରୁ ଫେବୃଆରୀ, ୨୦୨୧ ପର୍ଯ୍ୟନ୍ତ ୧୪ ମାସର ଅବଧି ଲାଗି)। ଏହାଦ୍ୱାରା ୪୮.୩୪ ଲକ୍ଷ କର୍ମଚାରୀ ଏବଂ ୬୫.୨୬ ଲକ୍ଷ ପେନସନଭୋଗୀ ଲାଭାନ୍ୱିତ ହେବେ। ଏହି ବୃଦ୍ଧି ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଆଧାରରେ ଅନୁମୋଦିତ ନିୟମ ଅନୁଯାୟୀ କରାଯାଇଛି।

## ‘ଏନ୍‌ପିଆର ପାଇଁ କୌଣସି ଦସ୍ତାବିଜ୍ ଦରକାର ପଡିବନି’

**ନୂଆଦିଲ୍ଲୀ :** ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର)କୁ ନେଇ ଜାରି ରହିଥିବା ବିବାଦ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରାଜ୍ୟସଭାରେ ସ୍ପଷ୍ଟୀକରଣ ଦେଇଛନ୍ତି। ଏନ୍‌ପିଆର ବେଳେ କୌଣସି ପ୍ରକାରର ଦସ୍ତାବିଜ ଲୋକମାନେ ଦେଖାଇବେ ନାହିଁ। ସେହିପରି ଦେଶର କୌଣସି ନାଗରିକଙ୍କୁ ମଧ୍ୟ ସନ୍ଦିଗ୍ଧ ବା ଡାଉଟଫୁଲ ତାଲିକାରେ ରଖାଯବ ନାହିଁ ବୋଲି ଶ୍ରୀ ଶାହା ସୂଚନା ଦେଇଛନ୍ତି। ପୂର୍ବରୁ ଏନ୍‌ପିଆର ବେଳେ ଆଧାର କାର୍ଡ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରମାଣପତ୍ର ଦେଖାଇବାକୁ ପଡିବ ଓ ସର୍ଭେ କରିବାକୁ ଯାଉଥିବା ଅଧିକାରୀ ଚାହିଁଲେ ଜଣଙ୍କୁ ଡାଉଟଫୁଲ ତାଲିକାରେ ରଖିପାରିବେ ବୋଲି କୁହାଯାଇଥିଲା। ହେଲେ ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଶ୍ରୀ ଶାହା ରାଜ୍ୟସଭାରେ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ରାଜ୍ୟସଭାରେ ଦିଲ୍ଲୀ ହିଂସା ଉପରେ ବିତର୍କ ଚାଲିଥିଲା। ଏହାର ଜବାବ ଦେବା ବେଳେ ଶାହା ଏନ୍‌ପିଆର କଥା ଉଠାଇଥିଲେ। ସେ କହିଛନ୍ତି, ଏନ୍‌ପିଆର ବେଳେ କାହାକୁ ବି କୌଣସି ଦସ୍ତାବିଜ ଦେବାକୁ ପଡିବ ନାହିଁ। ଆପଣଙ୍କ ପାଖରେ ଯାହାବି ତଥ୍ୟ ଅଛି



ଆପଣ ଦେଇପାରିବେ। ଅନ୍ୟ ଶୂନ୍ୟସ୍ଥାନକୁ ଆପଣମାନେ ଚାହିଁଲେ ଖାଲି ଛାଡି ଦେଇପାରିବେ। ଏହି ସମୟରେ କଂଗ୍ରେସ ସାଂସଦମାନେ ଡାଉଟଫୁଲ ତାଲିକା ବା ‘ଡି’ ପ୍ରଶ୍ନ ଉପରେ ସ୍ପଷ୍ଟୀକରଣ ମାଗିଥିଲେ ଏବଂ ଏହାକୁ ହଟାଇବାକୁ ଦାବି କରିଥିଲେ। ଏହାର ଉତ୍ତର ଦେଇ ଶାହା କହିଛନ୍ତି, ଏନ୍‌ପିଆରକୁ ନେଇ କେହି ବି ଭୟ କରିବା କଥା ନୁହେଁ। ଏହା ଏକ ଅପଡେଟିଂ ପ୍ରକ୍ରିୟା। ତେଣୁ କାହାକୁ ବି ଡାଉଟଫୁଲ ନାଗରିକ ବୋଲି କୁହାଯିବ ନାହିଁ। ଏନ୍‌ପିଆର ହେଉଛି ଏନ୍‌ଆରସିର ପ୍ରଥମ ପାହାଚ ବୋଲି ଅଭିଯୋଗ କରି ଏକାଧିକ ଅଣବିଜେପି ଶାସିତ ଅଞ୍ଚଳ ଏହାକୁ କାର୍ଯ୍ୟକାରୀ କରିବାକୁ ମନା କରିଦେଇଛନ୍ତି। ମୁସଲିମମାନଙ୍କୁ ଦେଶରୁ ତଡିବା ପାଇଁ ସିଏଏ, ଏନ୍‌ଆରସି ଓ ଏନ୍‌ପିଆରକୁ କାର୍ଯ୍ୟକାରୀ କରିବାକୁ ମୋଦି ସରକାର ଚାହୁଁଥିବା ବିରୋଧୀ ଅଭିଯୋଗ କରିଛନ୍ତି।

## ଏସ୍‌ବିଆଇର ସର୍ବନିମ୍ନ ଜମା ନୀତି କୋହଳ

**ନୂଆଦିଲ୍ଲୀ :** ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଗ୍ରାହକଙ୍କ ପାଇଁ ବଡ ଘୋଷଣା କରିଛି। ଏଣିକି ଗ୍ରାହକଙ୍କ ସେଭିଙ୍ଗସ ଆକାଉଣ୍ଟରେ ସର୍ବନିମ୍ନ ଜମା ରାଶି ରଖିବା ଉପରେ କୌଣସି ପ୍ରତିବନ୍ଧକ ଲାଗିବ ନାହିଁ। ଅର୍ଥାତ୍ ଏଣିକି ସେଭିଙ୍ଗସ ଆକାଉଣ୍ଟରେ ଜିରୋ ବାଲାନ୍ସ ରହିପାରିବ। ପୂର୍ବରୁ ମେଟ୍ରୋ ଅଞ୍ଚଳରେ ସେଭିଙ୍ଗ ଆକାଉଣ୍ଟ ଖୋଲିଥିବା ଲୋକମାନଙ୍କୁ ନିଜ ଆକାଉଣ୍ଟରେ ସର୍ବନିମ୍ନ ୩ ହଜାର, ସେମି ଅର୍ବାନ ଅଞ୍ଚଳରେ ୨ ହଜାର ଓ ଗ୍ରାମାଞ୍ଚଳରେ ୧ ହଜାର ଟଙ୍କା ରଖିବାକୁ ପଡୁଥିଲା। ଯେଉଁମାନେ ଏହି ସର୍ବନିମ୍ନ ଜମାକୁ ମେଣ୍ଟେନ କରିପାରୁ ନଥିଲେ ସେମାନଙ୍କ ଠାରୁ ବ୍ୟାଙ୍କ ପରବର୍ତ୍ତୀ ଜମା ସମୟରେ ଫାଇନ ଆଦାୟ କରୁଥିଲା। ଦେଶରେ ଥିବା ୪୪.୫୧ କୋଟି ସେଭିଙ୍ଗସ ଆକାଉଣ୍ଟଧାରୀଙ୍କ ପାଇଁ ଏହି ନିୟମ ଲାଗୁ ହେଉଥିଲା। ଏଥିଯୋଗୁ ଅନେକ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ହେଲେ ଏବେ ଏସ୍‌ବିଆଇ ଏହି ପ୍ରାବଧାନକୁ ଉଠାଇ ଦେଇଛି। ଯଦି କାହାର ବାଲାନ୍ସ ଜିରୋ ହୋଇଯାଏ, ତା’ହେଲେ ସେମାନଙ୍କୁ କୌଣସି ଅତିରିକ୍ତ ଫାଇନ ଦେବାକୁ ପଡିବନାହିଁ। ପୂର୍ବରୁ ସେଭିଙ୍ଗସ ଆକାଉଣ୍ଟରେ ସର୍ବନିମ୍ନ ବାଲାନ୍ସ ନ ରଖିଲେ ଏସ୍‌ବିଆଇ ୫ରୁ ୧୫ ଟଙ୍କା ମଧ୍ୟ ଫାଇନ ଓ ଟିକସ ଆଦାୟ କରୁଥିଲା। ଏସ୍‌ଏମ୍‌ଏସ୍ ପାଇଁ ପୂର୍ବରୁ ଲୋକମାନେ ଚାର୍ଜ ଦେଉଥିଲେ। ହେଲେ ଏହି ନିୟମକୁ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ହଟାଇ ଦେଇଛନ୍ତି। ସେହିପରି ଏଣିକି ସବୁ ପ୍ରକାରର ସେଭିଙ୍ଗସ ଆକାଉଣ୍ଟଧାରୀଙ୍କୁ ନିଜର ଜମା ରାଶି ଉପରେ ବର୍ଷକୁ ୩% ସୁଧ ମିଳିବ। ପୂର୍ବରୁ ୧ଲକ୍ଷ ଟଙ୍କା ଉପରେ ବାର୍ଷିକ ୩.୨୫% ସୁଧ ମିଳୁଥିଲା। ହେଲେ ଏବେ ଏହାକୁ ୩%କୁ ହ୍ରାସ କରି ଦିଆଯାଇଛି। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି, ଆମ ଗ୍ରାହକଙ୍କ ମୁହଁରେ ଏହି ନୂଆ ନିୟମ ହସ ଭରିଦେବ। ବ୍ୟାଙ୍କିଙ୍ଗ୍ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଆମେ ସର୍ବନିମ୍ନ ଜମା ରାଶି ପ୍ରାବଧାନକୁ ଉଠାଇ ଦେଇଛୁ। ଏହାଦ୍ୱାରା ଏସ୍‌ବିଆଇ ସହ ଅଧିକ ଲୋକ ଯୋଡି ହେବେ ଏବଂ ଆମ ଉପରେ ଅଧିକ ବିଶ୍ୱାସ କରିବେ। ନୂଆ ନିୟମ ଦ୍ୱାରା ଗ୍ରାହକମାନେ ଅଧିକ ସଶକ୍ତ ହେବେ। ସାରା ଦେଶରେ ଷ୍ଟେଟ ବ୍ୟାଙ୍କର ପ୍ରାୟ ୨୪ ହଜାର ଶାଖା ରହିଛି। ଏହି ଶାଖାଗୁଡିକରେ ୪୪ କୋଟିରୁ ଅଧିକ ଗ୍ରାହକ ରହିଛନ୍ତି। ଷ୍ଟେଟ ବ୍ୟାଙ୍କର ଏହି ପଦକ୍ଷେପ ପରେ ଅନ୍ୟ ବ୍ୟାଙ୍କମାନେ ମଧ୍ୟ ଏହି ନୀତି ଅନୁସରଣ କରିବାର ସମ୍ଭାବନା ରହିଛି।

## ୨୦୨୦-୨୧ରେ ଅଭିବୃଦ୍ଧି ୬% ରହିବ: ସିଇଏ

**ନୂଆଦିଲ୍ଲୀ :** ଆର୍ଥିକ ମାନ୍ଦାବସ୍ଥାକୁ ନେଇ ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ବ୍ୟବସ୍ଥା ବିଶେଷ ଭାବେ ପ୍ରଭାବିତ ହେବା ସହିତ ଅଭିବୃଦ୍ଧି ହାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହାପରେ ସାଂପ୍ରତିକ ସ୍ଥିତିରେ କରୋନା ଭାଇରସ୍ ସଂକ୍ରମଣକୁ ନେଇ ମଧ୍ୟ ଅର୍ଥନୀତି ବ୍ୟବସ୍ଥା ଆହୁରି ପ୍ରଭାବିତ ହେବାରେ ଲାଗିଛି। ହେଲେ ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ରେ ଅଭିବୃଦ୍ଧି ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) କ୍ରିଷ୍ଣମୂର୍ତ୍ତି ସୁବ୍ରମଣିଅନ୍ କହିଥିଲା ବେଳେ ଏହି ବର୍ଷରେ ଜିଡିପି ହାର ୬ ପ୍ରତିଶତ ରହିବ ବୋଲି କହିଛନ୍ତି। ତେବେ ଭାରତର ଅଭିବୃଦ୍ଧି ୭ ପ୍ରତିଶତରେ ରହିବ ବୋଲି ଯେଉଁ ଆକଳନ କରାଯାଉଛି ସେଥିପାଇଁ ଅଧିକ ସମୟ ଲାଗିବ ବୋଲି ସୁବ୍ରମଣିଅନ୍ କହିଛନ୍ତି। କରୋନା ସଂକ୍ରମଣକୁ ନେଇ ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଥିଲେ ହେଁ ଭାରତ ପାଇଁ ରପ୍ତାନି ଉଦ୍ୟୋଗ କ୍ଷେତ୍ରରେ ବଡ଼ ସୁଯୋଗ ରହିଛି। ବିଶେଷକରି ଫାର୍ମାସିଉଟିକାଲ, କେମିକାଲ, ଟେକ୍ସଟାଇଲ



ଆଦି କ୍ଷେତ୍ରରେ ଭାରତ ଦକ୍ଷିଣ ଏସିଆ ବଜାରରେ ଉତ୍ତମ ପ୍ରଦର୍ଶନ କରିପାରିବ ବୋଲି ସେ କହିଛନ୍ତି। କରୋନା ସଂକ୍ରମଣ ପ୍ରଭାବରେ ବିଶ୍ୱ ଅର୍ଥନୀତିରେ ଅନ୍ୟୂନ ୨ଲକ୍ଷ କୋଟି ଡଲାରର ହ୍ରାସ ଘଟିବ ବୋଲି ଜାତିସଂଘ ବାଣିଜ୍ୟ ଓ ବିକାଶ ଏଜେନ୍ସି ୟୁଏନ୍‌ସିଏଟିଡି ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ବିଭିନ୍ନ ରାଷ୍ଟ୍ରରେ ଅର୍ଥନୈତିକ ବ୍ୟବସ୍ଥା ଶିଥିଳ ରହିବା ସହିତ ହାରାହାରି ଅଭିବୃଦ୍ଧି ମଧ୍ୟ ପ୍ରଭାବିତ ହେବ ବୋଲି କୁହାଯାଇଛି।

## ମାସେ ଯାଏ ଆମେରିକା ଯାଇପାରିବେନି ୟୁରୋପୀୟ

**ୱାଶିଂଟନ୍ :** କରୋନା ଭାଇରସ୍‌ର ବର୍ଦ୍ଧିତ ସଂକ୍ରମଣ କାରଣରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମଗ୍ର ୟୁରୋପ ଉପରେ ଆସନ୍ତା ୩୦ଦିନ ପାଇଁ ଟ୍ରାଭେଲ୍ ବ୍ୟାନ୍ ଜାରି କରିଛନ୍ତି। ଏହି ପ୍ରତିବନ୍ଧକ ଅନ୍ତର୍ଗତ ୨୬ଟି ୟୁରୋପୀୟ ଦେଶରୁ କୌଣସି ବି ଯାତ୍ରୀ ମାସେ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଆସିପାରିବେ ନାହିଁ। ହେଲେ ଆମେରିକା ପକ୍ଷରୁ ବ୍ରିଟେନ୍ ଉପରେ ଏହି ପ୍ରତିବନ୍ଧକ ଲାଗୁ କରାଯାଇ ନାହିଁ। ବିଶ୍ୱବ୍ୟାପୀ କରୋନା ଭାଇରସ୍‌ର ସଂକ୍ରମଣ ବ୍ୟାପି ଚାଲିଥିବାବେଳେ ଆମେରିକାରେ ବର୍ତ୍ତମାନ ସୁଦ୍ଧା ଏହି ମହାମାରୀର ୧୨୦୦ଟି ମାମଲା ସାମନାକୁ ଆସିଛି। ଏ ସମ୍ବନ୍ଧରେ ଟ୍ରମ୍ପ୍ କହିଛନ୍ତି ଯେ, କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ ଚୀନ୍ ସମେତ ଅନ୍ୟ ଦେଶଗୁଡ଼ିକ ଉପରେ ଯାତ୍ରା ସମ୍ବନ୍ଧିତ କୌଣସି ବି ପ୍ରତିବନ୍ଧକ ଲଗାଇବାରେ ୟୁରୋପୀୟ ୟୁନିଅନ୍ (ଇୟୁ) ଅସଫଳ ରହିଛି। ତେଣୁ ୟୁରୋପରୁ ଆସୁଥିବା ସମସ୍ତ ବିମାନ ଉପରେ ଆସନ୍ତା ୩୦ ଦିନ ପର୍ଯ୍ୟନ୍ତ ପ୍ରତିବନ୍ଧକ ଜାରି କରାଯାଇଛି। ଏହି



ପ୍ରତିବନ୍ଧକ ଜାରି କରାଯିବା ପରେ ବିଶ୍ୱବ୍ୟାପୀ ଶେୟାର ବଜାରରେ ଭାରିମାତ୍ରାର ହ୍ରାସ ପରିଲକ୍ଷିତ ହୋଇଛି। ଏହି ସମୟରେ ଅଶୋଧିତ ତୈଳଦରରେ ମଧ୍ୟ ଅହେତୁକ ହ୍ରାସ ଆସିଛି ଏବଂ ଅନ୍ତର୍ଜାତୀୟ ଅର୍ଥବ୍ୟବସ୍ଥାରେ ମାନ୍ଦାବସ୍ଥାର ଆଶଙ୍କା ବୃଦ୍ଧି ପାଇଛି। ମାତ୍ର ୟୁକେ ଉପରେ ଏହି ପ୍ରତିବନ୍ଧକ ଲାଗୁ ହେବନାହିଁ। ଚୀନ୍ ବାହାରେ ସର୍ବାଧିକ ପ୍ରଭାବିତ ଦେଶ ଇଟାଲୀରେ ଏହି ରୋଗ ସଂକ୍ରମଣରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦୦ ଲୋକଙ୍କ ମୃତ୍ୟୁ ଘଟିସାରିଛି। ବ୍ରିଟେନ୍‌ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ କଞ୍ଜରଭେଟିଭ୍ ସାଂସଦ ଡୋରିସ୍ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ସେ ଦେଶର ପ୍ରଥମ ସାଂସଦ ହେବେ, ଯାହାଙ୍କୁ ଏହି ସଂକ୍ରମଣ ବ୍ୟାପିଥିବା ସ୍ପଷ୍ଟ କରାଯାଇଛି। ବିବିସି ପକ୍ଷରୁ କୁହାଯାଇଛି ଯେ, ଡୋରିସ୍‌ଙ୍କ ବାସଭବନରେ ତାଙ୍କର ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ବ୍ରିଟେନ୍‌ରେ ବର୍ତ୍ତମାନ ସୁଦ୍ଧା କରୋନା ଭାଇରସ୍‌ରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୮୨ଟି ସଂକ୍ରମଣ ମାମଲା ସାମନାକୁ ଆସିଛି। ଉଲ୍ଲେଖଯୋଗ୍ୟ, ୨୦୧୯ରେ ଚୀନ୍‌ର ବୁହାନ ସହରରେ କରୋନା ଭାଇରସ୍‌ର ପ୍ରଥମ ମାମଲା ସାମନାକୁ ଆସିଥିଲା। ସେବେଠାରୁ ବର୍ତ୍ତମାନ ସୁଦ୍ଧା ଭାରତ ସମେତ ସମଗ୍ର ବିଶ୍ୱର ମୋଟ ୧୦୫ଟି ଦେଶରେ ୪୩୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧ ଲକ୍ଷ ୧୯ ହଜାରଙ୍କୁ ସଂକ୍ରମଣ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହି ଭୂତାଣୁକୁ ବିଶ୍ୱ ମହାମାରୀ ଘୋଷିତ କରିଛନ୍ତି। ଡବ୍ଲ୍ୟୁଏଚ୍‌ଓର ମହାନିର୍ଦ୍ଦେଶକ କହିଛନ୍ତି ଯେ, ଲୋକମାନଙ୍କର ସ୍ୱାସ୍ଥ୍ୟ ରକ୍ଷା କରିବା ହେଉଛି ଆମମାନଙ୍କର କାର୍ଯ୍ୟ। ସଂକ୍ରମଣର ସାମାଜିକ ଏବଂ ଆର୍ଥିକ ପ୍ରଭାବକୁ ନ୍ୟୂନତମ କରିବା ଲାଗି ଆମେ କେତେକ ସହଯୋଗୀଙ୍କ ସହିତ ମିଳିମିଶି କାର୍ଯ୍ୟ କରୁଛୁ ବୋଲି ମଧ୍ୟ ସେ କହିଛନ୍ତି।

### ଏସିଆର ବିତ୍ତଶାଳୀ ତାଲିକା

# ଶୀର୍ଷରେ ମା’ ହ୍ୱାତେଙ୍ଗ

**ନୂଆଦିଲ୍ଲୀ :** ଭାରତୀୟ ପ୍ରମୁଖ ଉଦ୍ୟୋଗପତି ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀ ବର୍ତ୍ତମାନ ଏସିଆର ସବୁଠୁ ବଡ଼ ଧନୀ ନୁହନ୍ତି। ଶେୟାର ବଜାରରେ ଜବରଦସ୍ତ ହ୍ରାସ ପରେ ଆର୍‌ଆଇଏଲ୍‌ର ଶେୟାର ପ୍ରାରମ୍ଭିକ କାରବାରରେ ପ୍ରାୟ ୫.୨୭% ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଫଳରେ ତାଙ୍କ ସମ୍ପତ୍ତିରେ ଭାରିମାତ୍ରାର ହ୍ରାସ ପରିଲକ୍ଷିତ ହୋଇଥିଲା, ଯାହାଦ୍ୱାରା ପୁଣିଥରେ ଏସିଆର ବିତ୍ତଶାଳୀଙ୍କ ତାଲିକାରେ ତାଙ୍କ ସ୍ଥାନ ପଛକୁ ପଡ଼ିଛି। ତେବେ ତାଙ୍କ ସ୍ଥାନ ଛଡ଼ାଇ ନେଉଥିବା ଚୀନ୍‌ର ଉଦ୍ୟୋଗପତି ଏବଂ ଆଲିବାବା ଗ୍ରୁପ୍ ହୋଲ୍ଡିଂ ଲିମିଟେଡ୍‌ର ସଂସ୍ଥାପକ ଜ୍ୟାକ୍ ମା’ ବି ଚଳିତ ଥର ଏହି ତାଜ୍‌ର ହକ୍‌ଦାର ନାହାନ୍ତି। କାରଣ ଏହି ଦୁଇ ପ୍ରତିଷ୍ଠିତ ଶିଳ୍ପପତିଙ୍କ ପରିବର୍ତ୍ତେ ଚୀନ୍‌ର ପ୍ରମୁଖ ଇଣ୍ଟରନେଟ୍ ମିଡିଆ ବ୍ୟବସାୟୀ ମା’ ହ୍ୱାତେଙ୍ଗ୍ ଏହି ତାଲିକାର ଶୀର୍ଷ ସ୍ଥାନରେ ଅଛନ୍ତି। ବୁଧବାର ମୁକେଶ ପୁନଶ୍ଚ ଏହି ଶୀର୍ଷ ସ୍ଥାନକୁ ହାସଲ କରିଥିଲେ, ମାତ୍ର ୨୪ ଘଣ୍ଟା ମଧ୍ୟରେ ହିଁ ମା’ ହ୍ୱାତେଙ୍ଗ୍ ଏହି ସ୍ଥାନକୁ ମୁକେଶଙ୍କ ଠାରୁ ଛଡ଼ାଇ ନେଇଯାଇଛନ୍ତି। ଫୋର୍ବସ୍‌ର ଧନୀବ୍ୟକ୍ତି ତାଲିକାରେ ମୁକେଶ ଅମ୍ବାନୀ ପୂର୍ବରୁ ୧୭ତମ ସ୍ଥାନରେ ରହିଥିବାବେଳେ ଗୁରୁବାର ୨୧ତମ ସ୍ଥାନକୁ ଖସିଆସିଛନ୍ତି। ତୈଳଦରରେ ହୋଇଥିବା



ଭାରିମାତ୍ରାର ହ୍ରାସ ସହିତ ଅନ୍ତର୍ଜାତୀୟ ବଜାରରେ ହ୍ରାସ ପରେ ଭାରତର ସବୁଠୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ସୋମବାର ୫୮୦ କୋଟି ଡଲାର ହ୍ରାସ ପାଇଥିଲା। ଏହାପରେ ସେ ଏସିଆର ସବୁଠୁ ଧନୀ ବ୍ୟକ୍ତି ତାଲିକାରେ ଦ୍ୱିତୀୟ ସ୍ଥାନକୁ ଖସିଆସିଥିଲେ। ମାତ୍ର ବର୍ତ୍ତମାନ ୪୯ ବର୍ଷୀୟ ମା’ ହ୍ୱାତେଙ୍ଗ୍‌ଙ୍କ କାରଣରୁ ୬୩ ବର୍ଷୀୟ ଅମ୍ବାନୀ ମୋଟ ୪,୦୭୦ କୋଟି ଡଲାର ସମ୍ପତ୍ତି ସହିତ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ୪,୧୨୦ କୋଟି ଡଲାରର ସମ୍ପତ୍ତି ସହିତ ୫୬ ବର୍ଷୀୟ ଜ୍ୟାକ୍ ମା’ ଦ୍ୱିତୀୟ ଏବଂ ୪,୧୨୦ କୋଟି ଡଲାରରୁ ଉର୍ଦ୍ଧ୍ୱ ସମ୍ପତ୍ତି ସହିତ ମା’ ହ୍ୱାତେଙ୍ଗ୍ ଶୀର୍ଷ ସ୍ଥାନରେ ଅଛନ୍ତି। ପ୍ରକାଶଯୋଗ୍ୟ, ବିଶ୍ୱର ପ୍ରାୟ ୧୦୫ଟି ଦେଶରେ ବ୍ୟାପିଥିବା କରୋନା ଭାଇରସ୍‌ର ସଂକ୍ରମଣକୁ ନେଇ ପୁଞ୍ଜି ବଜାର ପ୍ରଭାବିତ ହେବା ସହିତ ବିଭିନ୍ନ କମ୍ପାନୀର ବଜାର ପୁଞ୍ଜି ମଧ୍ୟ ଅପ୍ରତ୍ୟାଶିତ ଭାବେ ହ୍ରାସ ପାଇଚାଲିଛି। ଏହି କ୍ରମରେ ଭାରତର ପ୍ରମୁଖ ଶିଳ୍ପଗୋଷ୍ଠୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମଧ୍ୟ ବିପୁଳ ପରିମାଣର କ୍ଷତି ଘଟିଛି। ବିଗତ ୭୦ ଦିନ ମଧ୍ୟରେ କମ୍ପାନୀକୁ ୧.୧୧ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏହି ଶିଳ୍ପଗୋଷ୍ଠୀର ସମ୍ପତ୍ତି ମୂଲ୍ୟ ହ୍ରାସ ପାଇବା ସହ ଏହାର ମୁଖ୍ୟ ମୁକେଶ ଅମ୍ବାନୀ ଏସିଆର ସବୁଠୁ ବିତ୍ତଶାଳୀ ବ୍ୟକ୍ତି ତାଲିକାରେ ପ୍ରଥମ ସ୍ଥାନରୁ ବାଦ୍ ପଡ଼ି ବର୍ତ୍ତମାନ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି।

EKAMAATRA
ଏକମାତ୍ର









### ୪ ରାଜ୍ୟସଭା ପ୍ରାର୍ଥୀଙ୍କ ସମ୍ପତ୍ତି ତାଲିକା

# ସୁବାସ, ମୁନ୍ନା ଓ ସୁଜିତ୍ କୋଟିପତି

**ଭୁବନେଶ୍ୱର :** ଚଳିତ ରାଜ୍ୟସଭା ନିର୍ବାଚନ ନିମନ୍ତେ ସଂଖ୍ୟା ଖେଳରେ ଦୁର୍ବଳ କାରଣରୁ ବିଜେଡି ବାଦ୍ କୌଣସି ରାଜନୈତିକ ଦଳ ଅଦ୍ୟାବଧି ପ୍ରାର୍ଥୀ ଦେଇନାହିଁ। ବିଜେଡି ଖାଲି ହେଉଥିବା ୪ ଆସନ ନିମନ୍ତେ ୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବୁଧବାର ଦିନ ବିଜେଡିର ଏହି ୪ଜଣ ରାଜ୍ୟସଭା ପ୍ରାର୍ଥୀ ସୁବାସ ସିଂ, ମୁନ୍ନା ଖାଁ, ସୁଜିତ କୁମାର ଓ ମମତା ମାହନ୍ତ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଧାନସଭାସ୍ଥିତ ସମ୍ମିଳନୀ ଗୃହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସମସ୍ତ ପ୍ରାର୍ଥୀ ରିଟର୍ଣ୍ଣିଂ ଅଫିସର ତଥା ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ନିକଟରେ ନାମାଙ୍କନପତ୍ର ଦୁଇଟି ଲେଖାଏଁ ସେଟ୍ ସତ୍ୟପାଠ ଜରିଆରେ ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ଦର୍ଶାଇଥିବା ସତ୍ୟପାଠରୁ ସୁଜିତ କୁମାର କୋଟିପତି ହୋଇଥିବାବେଳେ ସୁବାସ ସିଂଙ୍କ ନାମରେ ୧୧ ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ସୁଜିତ କୁମାର ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିମାଣ ୧ କୋଟି ୧୦ ଲକ୍ଷ ୯ ହଜାର ୨୩୦ ଟଙ୍କା ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ସ୍ତ୍ରୀଙ୍କ ବ୍ୟାଙ୍କ ଜମା, ମୂଲ୍ୟବାନ ଆସବାବପତ୍ର, ଗୃହୋପକରଣ, ବହି ଆଦି ସମ୍ପତ୍ତିର ପରିମାଣ ୨୬ ଲକ୍ଷ ୬୯ ହଜାର ୧୮୦ ଟଙ୍କା ରହିଛି। ଭୁବନେଶ୍ୱରସ୍ଥିତ ଧଉଳି ନିକଟରେ ଏକ ପ୍ଲଟ ମଧ୍ୟ ରହିଛି। ତାଙ୍କର ମୋଟ ସ୍ଥାବର ସମ୍ପତ୍ତିର ପରିମାଣ ୭୮ ଲକ୍ଷ ୩୦ ହଜାର ଟଙ୍କା ଓ ସ୍ତ୍ରୀଙ୍କ ମୋଟ ସ୍ଥାବର ସମ୍ପତ୍ତିର ପରିମାଣ ୭୪ ଲକ୍ଷ ୪୬ ହଜାର ଟଙ୍କା। ଏତଦ୍‌ବ୍ୟତୀତ ସେ ୭୪ ଲକ୍ଷ ୯୪ ହଜାର ୩୮୨ ଟଙ୍କା ଋଣ କରିଥିବାବେଳେ ୭ ଟି କମ୍ପାନୀରେ ୫୧ ଲକ୍ଷ ୫୩ ହଜାର ଟଙ୍କାର ପୁଞ୍ଜିନିବେଶ କରିଛନ୍ତି। ସେହିଭଳି ସୁଜିତ କୁମାରଙ୍କ ପାଖରେ ୨୫୦ ଗ୍ରାମ ସୁନା, ପତ୍ନୀଙ୍କ ପାଖରେ ୫୨୦ ଗ୍ରାମ ସୁନା, ୧ କିଲୋ ରୂପା , ୧୨୦ ଗ୍ରାମ ରତ୍ନ ପଥର ମଧ୍ୟ ରହିଛି। ରାଜ୍ୟସଭା ଆସନର ପ୍ରଥମ ପ୍ରାର୍ଥୀ ସୁବାସ ସିଂ ଲକ୍ଷପତି ତାଲିକାରେ ରହିଛନ୍ତି। ତାଙ୍କ ସମ୍ପତ୍ତିର ପରିମାଣ ୨୩ ଲକ୍ଷ ୩୭ ହଜାର ୧୮୭ ଟଙ୍କା ରହିଛି। ତାଙ୍କ ନାମରେ ୧୧ଟି ଅପରାଧିକ ମାମଲା ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି। ଶ୍ରୀ ସିଂହଙ୍କ ଶିକ୍ଷାଗତ ଯୋଗ୍ୟତା ରାଜନୀତି ବିଜ୍ଞାନରେ ଏମ୍‌ଏ ରହିଥିବା ବେଳେ ସେ ୧୯୮୬ ମସିହାରେ ଓକିଲାତି ପାସ କରିଛନ୍ତି। ଏତଦ୍ ବ୍ୟତିତ ନିଜ ପାଖରେ ୧୫୦ ଗ୍ରାମ୍ ଓ ତାଙ୍କ ସ୍ତ୍ରୀଙ୍କ ପାଖରେ ୨୯୦ ଗ୍ରାମ ସୁନା ରହିଛି। ନିଜ ନାମରେ ଆକ୍ଟିଭା ସ୍କୁଟି ଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ନାମରେ ଆକ୍ଟିଭା ସ୍କୁଟି ସହିତ ମାରୁତି ସୁଜୁକି ବ୍ରିଜ୍ ଗାଡି ରହିଛି। ରାଜ୍ୟସଭାର ଦ୍ୱିତୀୟ ଆସନ ପାଇଁ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ମୁନ୍ନା ଖାଁ ମଧ୍ୟ ଲକ୍ଷପତି ତାଲିକାରେ ରହିଛନ୍ତି। ତାଙ୍କ ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିମାଣ ୩୨ ଲକ୍ଷ ୯୫ ହଜାର ୫୭୬ କୋଟି ଟଙ୍କା ରହିଛି। ତାକ ଘରେ ୨ ଲକ୍ଷ ୩୬ ହଜାର ୮୬୬ ଟଙ୍କା, ୨୨ ଲକ୍ଷ ୫୦ ହଜାର ଟଙ୍କାର ବୀମା ସ୍ଥାୟୀ ଜମା, ୨୪ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା। ସ୍ଥାବର ସମ୍ପତ୍ତି ଭାବରେ ଜମି ମଧ୍ୟ ରହିଛି। ଯାହାର ମୂଲ୍ୟ ୧ କୋଟି ଟଙ୍କା। ଏତଦ୍‌ବ୍ୟତିତ ମୁନ୍ନା ଖାଁଙ୍କ ପାଖରେ ୫୦୦ ଗ୍ରାମ ସୁନା , ପତ୍ନୀଙ୍କ ପାଖରେ ୫୨୦ ଗ୍ରାମ ସୁନା ଓ ଏକ ହୁଣ୍ଡା ସିଟି କାର ରହିଛି। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ମାଟ୍ରିକ୍ ପାସ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ରାଜ୍ୟସଭାର ଚତୁର୍ଥ ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ବିଜେଡି ପ୍ରାର୍ଥୀ ମମତା ମହାନ୍ତି ମଧ୍ୟ ଲକ୍ଷପତି ତାଲିକାରେ ରହିଛନ୍ତି। ତାଙ୍କ ମୋଟ ସମ୍ପତ୍ତିର ପରିମାଣ ୨୫ ଲକ୍ଷ ୩ ହଜାର ୯୪୪ ଟଙ୍କା ରହିଛି। ନିଜ ନାମରେ ୮ ଲକ୍ଷ ୨୨ ହଜାର ୭ ଟଙ୍କା ଆଉ ସ୍ୱାମୀଙ୍କ ନାମରେ ୧୬ ଲକ୍ଷ ୮୧ ହଜାର ୯୩୭ ଟଙ୍କା ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ଶ୍ରୀମତୀ ମହାନ୍ତଙ୍କ ପାଖରେ ନଗଦ ୩୦ ହଜାର ଟଙ୍କା ରହିଛି । ସ୍ୱାମୀଙ୍କ ପାଖରେ ୧ ଲକ୍ଷ ଟଙ୍କା ନଗଦ ରହିଛି। ସ୍ଥାୟୀ ଜମା ଭାବରେ ନିଜ ନାମରେ ୯୪୬୯ ଟଙ୍କା ଏବଂ ସ୍ୱାମୀଙ୍କ ନାମରେ ୧୧ ହଜାର ଟଙ୍କା ଜମା ରହିଛି। ଏତଦବ୍ୟତିତ ତାଙ୍କ ପାଖରେ ୧୫୦ ଗ୍ରାମ ସୁନା ଅଳଙ୍କାର, ୩୦୦ ଗ୍ରାମ ରୂପା, ସ୍ୱାମୀଙ୍କ ପାଖରେ ୧୦୦ ଗ୍ରାମ ସୁନା ରହିଥିବା ଶ୍ରୀମତୀ ମହାନ୍ତି ତାଙ୍କ ସତ୍ୟପାଠରେ ଦର୍ଶାଇଥିବା ଜଣାପଡିଛି।

## 'ବନ୍ଦେ ଉତ୍କଳ ଜନନୀକୁ' ରାଜ୍ୟ ସଙ୍ଗୀତ ମାନ୍ୟତା କେବେ ?




**ଭୁବନେଶ୍ୱର :** ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବା ପାଇଁ ଦୀର୍ଘ ବର୍ଷ ଧରି ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ତାହା ଚୂଡାନ୍ତ ରୂପ ନେଇପାରୁ ନ ଥିବାରୁ ବିଧାନସଭାରେ କ୍ଷୋଭ ପ୍ରକାଶ ପାଇଛି। ଉଭୟ ଶାସକ ଓ ବିରୋଧୀ ସଭ୍ୟମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବହୁ ବିଳମ୍ବ ହେଲାଣି, ଯାହା କରିବା କଥା ଏଇ ଅଧିବେଶନରେ କରାଯାଉ ବୋଲି ଦାବି ଉଠିଥିଲା। ଏହି ପ୍ରସଙ୍ଗରେ ଆଲୋଚନା କରି ଚୂଡାନ୍ତ ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି କହିଥିଲେ। ବିଜେଡିର ବରିଷ୍ଠ ସଦସ୍ୟ ଅମର ଶତପଥୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ବନ୍ଦେ ଉତ୍କଳ ଜନନୀ ଯିଏ ଯେମିତି ପାରୁଛି ଗାଉଛି। ଏଥିରେ ସମାନତା ରହୁନି। ଶରତ କର ବାଚସ୍ପି ଥିଲା ବେଳେ ଏକ କମିଟି ଗଠନ କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ କେତେ ସମୟ ଓ କିପରି ଗାନ କରାଯିବ, ସେହି କମିଟି ନିଷ୍ପତ୍ତି ନେବ ବୋଲି କୁହାଯାଇଥିଲା। ଏହି କମିଟିର ସ୍ଥିତି କ'ଣ ଜଣାପଡୁନି। ଏ ଦିଗରେ ବାଚସ୍ପତି ପଦକ୍ଷେପ ନିଅନ୍ତୁ। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଲେ, ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବା ପ୍ରସଙ୍ଗଟି ନାଲିଫିତା ତଳେ ରଖି ଦିଆଯାଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଏହି କାଳଜୟୀ ରଚନାକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବାରେ କେଉଁଠି ଅସୁବିଧା ରହୁଛି ? ବିଜେଡିର ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ ସାମଲ କହିଥିଲେ, ରାଜ୍ୟ ସଙ୍ଗୀତ ମାନ୍ୟତା କେବଳ କଥାରେ ରହିଯାଉଛି। ବନ୍ଦେ ଉତ୍କଳ ଜନନୀକୁ ଏକ ମିନିଟ୍‌ରେ ସୀମିତ ରଖିବା ପାଇଁ କମିଟି ଗଠନ କରାଯାଇଥିଲା। କମିଟି ବି ରିପୋର୍ଟ ଦେଇଥିଲା। କିନ୍ତୁ କିଛି କରାଗଲା ନାହିଁ। ଏବେ ବନ୍ଦେ ଉତ୍କଳ ଜନନୀ ତାଳେ ତାଳେ ନଚାଯାଉଥିବାର ଦେଖିବାକୁ ମିଳୁଛି। ଆଉ ଲୋକହସା କରନ୍ତୁନି। ଏହି ଅଧିବେଶନରେ ବାଚସ୍ପତି କିଛି ପଦକ୍ଷେପ ନିଅନ୍ତୁ। କଂଗ୍ରେସର ବରିଷ୍ଠ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବା ପ୍ରସଙ୍ଗରେ ଗୃହ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ନାଲିଫିତା ତଳେ ତାହାକୁ ବାନ୍ଧି ଦିଆଯାଇଛି। ଗୃହର ଉଦ୍‌ବେଗକୁ ଲକ୍ଷ୍ୟ କରି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ, ମୁଁ ସମ୍ପୃକ୍ତ ମନ୍ତ୍ରୀ, ସଚିବଙ୍କୁ ଡାକି ଆଲୋଚନା କରିବି। ଚଳିତ ଅଧିବେଶନ ସମୟରେ ଏହି ପ୍ରସଙ୍ଗକୁ ଚୂଡାନ୍ତ ନିଷ୍ପତ୍ତି ଦିଆଯିବ।

### ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଖର୍ଚ୍ଚ ଦାବି ଅଟକଳ

# ଅନ୍ୱେଷା ପାଇଁ ୯୯ କୋଟି

**ଭୁବନେଶ୍ୱର :** ୨୦୨୦-୨୧ ଆର୍ଥିକ ବର୍ଷରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଅଟକଳ ବିଧାନସଭାରେ ଉପସ୍ଥାପିତ ହୋଇଛି। ଏହି ବିଭାଗର ଉଭୟ କାର୍ଯ୍ୟକ୍ରମ ବ୍ୟୟ ଓ ପ୍ରଶାସନିକ ବ୍ୟୟ ବାବଦକୁ ୩୮୦୮କୋଟି ୩୫ ଲକ୍ଷ ୮୫ ହଜାର ଟଙ୍କାର ବଜେଟ ଅଟକଳ ହୋଇଛି। ତନ୍ମଧ୍ୟରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ବାବଦକୁ ୧୬୪୫ କୋଟି ୫୭ ଲକ୍ଷ ୮୯ ହଜାର, କେନ୍ଦ୍ରୀୟ ଯୋଜନା ବାବଦକୁ ୧୩୧ କୋଟି ୪୬ ଲକ୍ଷ ୧୯ ହଜାର ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦକୁ ୧୨୬୧ କୋଟି ୮୬ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ବିଧାନସଭା ଅଧିବେଶନରେ ଖର୍ଚ୍ଚ ଦାବି ଅଟକଳ ଉପସ୍ଥାପିତ କରି ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା କହିଲେ ଯେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ ବିଦ୍ୟାବୃତ୍ତି ପାଇଁ ୫୪୩ କୋଟି ୨୭ ଲକ୍ଷ ୯୧ ହଜାର ଓ ମାଟ୍ରିକ ପରିବର୍ତ୍ତୀ ବିଦ୍ୟାବୃତ୍ତି ପାଇଁ ୩୩୬ କୋଟି ୨୭ ଲକ୍ଷ ୪୪ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଛି। ସେହିଭଳି ଆବାସିକ ବିଦ୍ୟାଳୟଗୁଡ଼ିକର ସ୍ୱାସ୍ଥ୍ୟ ରକ୍ଷା, ପରିଚାଳନା ଓ ପରିଚ୍ଛନ୍ନତା ବାବଦକୁ ନିଯୁକ୍ତ ହୋଇଥିବା ଏଏନ୍‌ଏମ୍‌ଙ୍କ ପାଇଁ ୪ କୋଟି ୧୮ ଲକ୍ଷ ୯୬ ହଜାର, ମାଗଣା ପାଠ୍ୟ ପୁସ୍ତକ ଓ ଲିଖନ ସାମଗ୍ରୀ ପାଇଁ ୨୪ କୋଟି ୫୫ ଲକ୍ଷ ୮ ହଜାର, ବିଦ୍ୟାଳୟ ଓ ଛାତ୍ରାବାସର ଉନ୍ନତୀକରଣ ପାଇଁ ୧୭୭ କୋଟି, ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଛାତ୍ରାବାସ ବାବଦକୁ ୯୯କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ଅନ୍ୱେଷା ଯୋଜନାରେ ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବା ପାଇଁ ୯୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଅନ୍ୟପକ୍ଷରେ ୧୨ଟି ଜିଲ୍ଲାରେ ପରିଚାଳିତ ହେଉଥିବା ୧୭ଟି ଅଣୁପ୍ରକଳ୍ପ ବାବଦକୁ ୪୦ କୋଟି, ଓଟିଇଏଲ୍‌ପି ପ୍ଲସ୍ ଯୋଜନା ବାବଦକୁ ୨୪ କୋଟି ୭୫ ଲକ୍ଷ, ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ବାବଦକୁ ୫୧ କୋଟି ୯୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି। ସେହିଭଳି ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ରହୁଥିବା ପ୍ରମୁଖ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, ରାୟଗଡ଼ା ଓ ନବରଙ୍ଗପୁରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଏହି ବର୍ଗର ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମୁଦାୟ ଏହି ୯ଟି ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବାବଦକୁ ୬୨ କୋଟି ୫୪ ଲକ୍ଷ ୭୭ ହଜାର ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ସେହିଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ ପାଇଁ ୭୧ କୋଟି ୪୫ ଲକ୍ଷ, ଅନୁସୂଚିତ ଜାତି ଓ ଜନଜାତି ସିଭିଲ ଅଧିକାର ସଂରକ୍ଷଣ ଅଧିନିୟମ ୧୯୫୫ ଓ ନିର୍ଯାତନା ନିବାରଣ ଅଧିନିୟମ ୧୯୮୯ ବାବଦକୁ ୭୨ କୋଟି ୯୫ ଲକ୍ଷ, ପ୍ରଧାନମନ୍ତ୍ରୀ ଗ୍ରାମ ଯୋଜନାରେ ୧୨୪ କୋଟି ୪୮ ଲକ୍ଷର ବ୍ୟୟ ଅଟକଳ କରାଯାଇଛି। ଅନ୍ୟପକ୍ଷରେ ପ୍ରଶାସନିକ ବ୍ୟୟ ଅଟକଳ ମଧ୍ୟରେ ବିଦ୍ୟାଳୟ ସମ୍ବନ୍ଧୀୟ ଭିତ୍ତିଭୂମି ବିକାଶ ପାଇଁ ୧୧୪ କୋଟି ୪୧ ଲକ୍ଷ, ଆବାସିକ ବିଦ୍ୟାଳୟ ପାଇଁ ୪୩ କୋଟି, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଦରମା ବାବଦକୁ ୪୬୪ କୋଟି ୩୪ ଲକ୍ଷ ଓ ମାଇକ୍ରୋ ପ୍ରୋଜେକ୍ଟ ପ୍ରତିଷ୍ଠା ପାଇଁ ୪ କୋଟି ୨୭ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି।

# ୨୯ରୁ ଜୁନ୍ ପର୍ଯ୍ୟନ୍ତ ଝାରସୁଗୁଡ଼ା-ଭୁବନେଶ୍ୱର ବିମାନ ସେବା ବନ୍ଦ




**ଭୁବନେଶ୍ୱର :** ଆସନ୍ତା ୨୯ ତାରିଖରୁ ୩ ମାସ ଯାଏ ଝାରସୁଗୁଡ଼ାରୁ ଭୁବନେଶ୍ୱରକୁ ବିମାନ ଉଡ଼ାଣ ବନ୍ଦ ରହିବ। ଏଲାଇନ୍ସ ଏୟାର ପକ୍ଷରୁ ଦିଆଯାଉଥିବା ଝାରସୁଗୁଡ଼ା-ଭୁବନେଶ୍ୱର-ବାରାଣସୀ-ଭୁବନେଶ୍ୱର-ଝାରସୁଗୁଡ଼ା ପାଇଁ ବିମାନ ଚଳାଚଳ ୨୯ ମାର୍ଚ୍ଚରୁ ୩୦ ଜୁନ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଝାରସୁଗୁଡ଼ା ବିମାନ ବନ୍ଦର ଷ୍ଟେସନ ମ୍ୟାନେଜର ଅଭିଜିତ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଭୁବନେଶ୍ୱର ଏୟାରପୋର୍ଟରେ ନୋଟାମ (ଏରୋନେଟିକାଲ, ସୁବିଧା, ସେବା, ପ୍ରଣାଳୀ ପରିବର୍ତ୍ତନ ସମ୍ବନ୍ଧୀୟ ସୂଚନା) ଲାଗୁ କରାଯାଇଥିବାରୁ ବିମାନ ସେବାକୁ ବନ୍ଦ କରାଯାଇଛି। ତେବେ ଜୁଲାଇ ୧ ତାରିଖରୁ ପୂର୍ବ ସମୟ ଅନୁସାରେ ଏଲାଇନ୍ସ ଏୟାର କୋଲକାତାରୁ ସକାଳ ୫ଟା ୫୦ ମିନିଟରେ ଉଡ଼ି ୭ଟା ୨୦ ମିନିଟରେ ଝାରସୁଗୁଡ଼ାରେ ପହଞ୍ଚିବ। ୭ଟା ୪୫ ମିନିଟରେ ଉକ୍ତ ବିମାନ ଝାରସୁଗୁଡ଼ାରୁ ଉଡ଼ି ରାୟପୁରରେ ୮ଟା ୫୦ ମିନିଟରେ ପହଞ୍ଚିବ। ପୁଣି ରାୟପୁରରୁ ୯ଟା ୧୫ ମିନିଟରେ ବିମାନ ଛାଡ଼ି ଝାରସୁଗୁଡ଼ାରେ ୧୦ଟା ୨୦ ମିନିଟରେ ପହଞ୍ଚିବ। ଝାରସୁଗୁଡ଼ାରୁ ୧୦ଟା ୪୫ ମିନିଟରେ ଉଡ଼ିବା ପରେ ୧୧ଟା ୫୦ ମିନିଟରେ ଭୁବନେଶ୍ୱରରେ ପହଞ୍ଚିବ। ସେହିପରି ୧୨ଟା ୧୫ ମିନିଟରେ ଭୁବନେଶ୍ୱରରୁ ବିମାନ ଉଡ଼ି ବାରାଣସୀରେ ଅପରାହ୍ନ ୨ଟା ୫ ମିନିଟରେ ପହଞ୍ଚିବ। ୨ଟା ୩୦ ମିନିଟରେ ବାରାଣସୀରୁ ବିମାନ ଛାଡ଼ିବା ପରେ ୪ଟା ୨୦ ମିନିଟରେ ଭୁବନେଶ୍ୱରରେ ପହଞ୍ଚିବା ସହ ଭୁବନେଶ୍ୱରରୁ ଝାରସୁଗୁଡ଼ା ଅଭିମୁଖେ ବିମାନଟି ୪ଟା ୪୫ ମିନିଟରେ ଛାଡ଼ି ୫ଟା ୫୦ ମିନିଟରେ ପହଞ୍ଚିବ। ଝାରସୁଗୁଡ଼ାରୁ କୋଲକାତାକୁ ଉକ୍ତ ବିମାନ ସନ୍ଧ୍ୟା ୬ଟା ୧୫ ମିନିଟରେ ଉଡ଼ିବା ପରେ କୋଲକାତାରେ ୭ଟା ୪୫ ମିନିଟରେ ପହଞ୍ଚିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଝାରସୁଗୁଡ଼ାରୁ ଭୁବନେଶ୍ୱରକୁ ବିମାନ ଚଳାଚଳ ୩ ମାସ ଯାଏଁ ବନ୍ଦ ରହିଲେ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବେ। କାରଣ ଝାରସୁଗୁଡ଼ାରୁ ଅନେକ ଯାତ୍ରୀ ବିମାନ ଯୋଗେ ଭୁବନେଶ୍ୱର ଯାଇ ସେଠାରୁ ଅନ୍ୟତ୍ର ଯାଇ ଥାଆନ୍ତି। ଝାରସୁଗୁଡାରୁ ଭୁବନେଶ୍ୱର ବିମାନ ଚଳାଚଳ ବନ୍ଦ ହେବା ପରେ ଏବେ ବିମାନ ଯାତ୍ରୀମାନଙ୍କୁ ବସ, ଟ୍ରେନ ବା ଅନ୍ୟ ଯାନରେ ଭୁବନେଶ୍ୱର ଯିବା ପାଇଁ ପଡ଼ିବ ଯାହା ସମୟ ସାପେକ୍ଷ ବୋଲି ଯାତ୍ରୀମାନେ ମତ ଦେଇଛନ୍ତି।

### ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ଜମା ପ୍ରସଙ୍ଗ

# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ପ୍ରତାପ ଷଡ଼ଙ୍ଗୀ



**ବାଲେଶ୍ୱର :** ସଙ୍କଟରେ ରହିଥିବା ୟେସ୍ ବ୍ୟାଙ୍କରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଜମାଥିବା ଦାନ ଅର୍ଥ ୫୪୫ କୋଟି ଟଙ୍କା ଫେରସ୍ତ ହେବାନେଇ ବାଲେଶ୍ୱର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗତ ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ଆଲୋଚନା କରିଛନ୍ତି। କୋଟି କୋଟି ଭକ୍ତଙ୍କ ଭାବବେଗ ସହ ଜଡ଼ିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ବୃହତ ଅର୍ଥରାଶି ଯେଭଳି ଫେରସ୍ତ ହୋଇପାରିବ ସେନେଇ ଶ୍ରୀ ଷଡ଼ଙ୍ଗୀ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୩୦ ସେପ୍ଟେମ୍ବର ୨୦୧୯ ସୁଦ୍ଧା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦାନଅର୍ଥକୁ ୟେସ୍ ବ୍ୟାଙ୍କରେ ସ୍ଥାୟୀ ଜମାରେ ୫୪୫ କୋଟି ଟଙ୍କା ଓ ଫ୍ଲେକ୍ସି ଜମାରେ ୪୭ କୋଟି ଟଙ୍କା ଜମା କରାଯାଇଥିଲା। ପରବର୍ତ୍ତୀ ସମୟରେ ୪୭ କୋଟି ଟଙ୍କାର ଫ୍ଲେକ୍ସି ଜମା ୟେସ୍ ବ୍ୟାଙ୍କରୁ ପ୍ରତ୍ୟାହାର ହୋଇଥିଲା। ତେବେ ୫୪୫ କୋଟି ଟଙ୍କା ସ୍ଥାୟୀ ଜମାର ଅବଧି ଚଳିତ ମାସ ୧୬ ଓ ୨୯ରେ ଶେଷ ହେବାର ଥିଲା। କିନ୍ତୁ ଏହା ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ୟେସ ବ୍ୟାଙ୍କର ପରିଚାଳନାରେ ହସ୍ତକ୍ଷେପ କରି ଜଣେ ଗ୍ରାହକ ମାସକୁ କେବଳ ୫୦ ହଜାର ଟଙ୍କା ଉଠାଇପାରିବେ ବୋଲି କଟକଣା ଜାରି କରିଛି। ଏବେ ୟେସ୍ ବ୍ୟାଙ୍କର ପରିଚାଳନା ବୋର୍ଡ ରିଜର୍ଭ ବ୍ୟାଙ୍କ ହାତକୁ ଚାଲିଯାଇଛି। ବ୍ୟାଙ୍କ ଋଣ ଆକାରରେ ପ୍ରଦାନ କରିଥିବା କୋଟି କୋଟି ଟଙ୍କା ବୁଡି ଯାଇଥିବାରୁ ଏପରି ସ୍ଥିତି ଦେଖା ଦେଇଛି। ବ୍ୟାଙ୍କ୍ ଏବେ ଘୋର ଆର୍ଥିକ ସଂକଟ ଦେଇ ଗତି କରୁଥିବାରୁ ମହାପ୍ରଭୁଙ୍କ ଏହି ଦାନ ଅର୍ଥ ମଧ୍ୟ ବୁଡ଼ିଯିବା ନେଇ ସାଧାରଣରେ ଆଶଙ୍କା ସୃଷ୍ଟି ହୋଇଛି।

## ଫସଲ ଋଣ ପରିଶୋଧ ଅବଧି ବୃଦ୍ଧି

**ଭୁବନେଶ୍ୱର :** ତ୍ରିସ୍ତରୀୟ ସମବାୟ ଋଣ ପରିଶୋଧ ଅବଧି ସରକାର ବୃଦ୍ଧି କରିଛନ୍ତି। ଏନେଇ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚାଷୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ଫସଲ ଯଥା ଧାନ, ଚିନାବାଦାମ, ସୋରିଷ, ଅଦା, ହଳଦୀ, ମକା ପାଇଁ ଦିଆଯାଉଥିବା ଫସଲ ଋଣ ଉଠାଣ ଓ ପରିଶୋଧର ସମୟସୀମାକୁ ୧୨ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଫସଲ ଋଣ ପରିଶୋଧ କରିବାର ଶେଷ ତାରିଖ ଖରିଫ ଋତୁ ପାଇଁ ମାର୍ଚ୍ଚ ୨୫ ତାରିଖ ଓ ରବି ଋତୁ ପାଇଁ ଜୁନ୍ ୨୫ ତାରିଖ ଧାର୍ଯ୍ୟ କରାଯାଇଥିଲା। ସେହିପରି କଦଳୀ ଓ ଆଖୁ ଚାଷ ପାଇଁ ପ୍ରଦାନ କରାଯାଉଥିବା ଦୀର୍ଘ ମିଆଦି ଫସଲ ଋଣ ପରିଶୋଧ ଅବଧି ପୂର୍ବପରି ୧୮ମାସ ରହିଛି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସମବାୟ ବ୍ୟାଙ୍କ ଜରିଆରେ ପ୍ରଦାନ କରାଯାଉଥିବା କୃଷି ଋଣ ରିଫାଇନାନ୍‌ସର ଅବଧି ସମାନ ରହିବ। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁଁ କୃଷି ଋଣ ପ୍ରଦାନରେ ଅଧିକରୁ ଅଧିକ ଚାଷୀ ଉପକୃତ ହେବେ ବୋଲି ଲକ୍ଷ୍ୟ ରଖାଯାଇଛି।

# ପ୍ରସ୍ତୁତ ହେବ ହସ୍ତଶିଳ୍ପର ୧୦ ବର୍ଷିଆ ପ୍ଲାନ୍ ଡକ୍ୟୁମେଣ୍ଟ



**ଭୁବନେଶ୍ୱର :** ସ୍ଥାନୀୟ ଭୁବନେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ସମ୍ମିଳନୀ କକ୍ଷରେ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପଥର ଖୋଦେଇ, କାଠ ଖୋଦେଇ ଓ ଚାନ୍ଦୁଆ ଶିଳ୍ପ ଉପରେ ଏକ ଦିନିକିଆ ରାଜ୍ୟସ୍ତରୀୟ ହସ୍ତଶିଳ୍ପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ କହିଲେ ଯେ, ହସ୍ତଶିଳ୍ପର ୧୦ ବର୍ଷିଆ ପ୍ଲାନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ। ହସ୍ତଶିଳ୍ପୀଙ୍କୁ ଚିହ୍ନଟ ସହିତ ବ୍ରାଣ୍ଡିଂ ଓ ମାର୍କେଟିଂ, ହସ୍ତଶିଳ୍ପୀମାନଙ୍କ ପାଇଁ ଉଚ୍ଚସ୍ତରୀୟ ମାନ୍ୟତାପ୍ରାପ୍ତ ତାଲିମ କାର୍ଯ୍ୟକ୍ରମ, ବଜାର ଚାହିଦା ଅନୁଯାୟୀ ଡିଜାଇନ ବିକାଶ, କାରିଗରଙ୍କ ପାଇଁ ହାଉସିଂ କମ୍ ୱାର୍କଶପ୍ କମ୍ ଶୋ' ରୁମ୍ ସ୍କିମ୍ କରାଯିବା ଉପରେ ଶ୍ରୀ ଶର୍ମା ଆଲୋଚନା କରିଥିଲେ। କର୍ମଶାଳା ଉଦ୍‌ଘାଟନ ଉତ୍ସବରେ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅଲୋଚନା କରିଥିଲେ। ଏହି ଦିନିକିଆ କର୍ମଶାଳାରେ ୨୧ଟି ଜିଲ୍ଲାରୁ ୧୩୦ଟି ଉର୍ଦ୍ଧ୍ୱ ହସ୍ତଶିଳ୍ପ କାରିଗରମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ତଥା : କଞ୍ଚାମାଲର ଉପଲବ୍ଧି, ତାଲିମ ପଦ୍ଧତି, ବିକ୍ରିବଟା ସହାୟତା, ଆର୍ଥିକ ସହାୟତା, ସାମାଜିକ ନିରାପତ୍ତା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା କରିଥିଲେ। ପିପିଲିଠାରେ ଚାନ୍ଦୁଆ ଶିଳ୍ପୀଙ୍କ ପାଇଁ ଗୋଟିଏ କଞ୍ଚାମାଲ ବ୍ୟାଙ୍କ୍ 'ଉତ୍କଳିକା' ମାଧ୍ୟମରେ ଚାଲୁଛି। ରାଜ୍ୟରେ ଅନ୍ୟ ଜିଲ୍ଲାରେ ଏହି ଭଳି କଞ୍ଚାମାଲ ବ୍ୟାଙ୍କ୍ ପ୍ରତିଷ୍ଠା ନିମନ୍ତେ ଶିଳ୍ପୀମାନେ ମତ ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲା ସଦର ମହକୁମାରେ ନିର୍ମିତ ହେଉଥିବା ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟରୁ କିଛି ଦୋକାନଘର ହସ୍ତଶିଳ୍ପ ପାଇଁ ସଂରକ୍ଷଣ କରାଗଲେ ତାହା ହସ୍ତଶିଳ୍ପ ସାମଗ୍ରୀର ବିକ୍ରିବଟାରେ ସହାୟକ ହେବ ବୋଲି ସେମାନେ କହିଥିଲେ। ପଥର ଖୋଦେଇ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ, ପଦ୍ମଶ୍ରୀ ପ୍ରଭାକର ମହାରଣା ଓ ବହୁ ଜାତୀୟ ପୁରସ୍କାରପ୍ରାପ୍ତ ତଥା ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ କାରିଗରମାନେ କର୍ମଶାଳାରେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ସରକାରଙ୍କ ଦ୍ୱାରା ଅଧିକୃତ କଞ୍ଚାମାଲର ସୁବ୍ୟବସ୍ଥା କରାଗଲେ ପଥର ଖୋଦେଇ ହସ୍ତଶିଳ୍ପର ବିକାଶ ଠିକ୍ ଭାବରେ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପଥର ଖୋଦେଇ ଶିଳ୍ପୀ ଉଦୟ ମହାନ୍ତି କର୍ମଶାଳାରେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ। ଓଡ଼ିଶାର ୫୦ଟି ହସ୍ତଶିଳ୍ପ ମଧ୍ୟରୁ ପିପିଲି ଚାନ୍ଦୁଆ ଏକ ମୁଖ୍ୟ ହସ୍ତଶିଳ୍ପ। ପ୍ରାୟ ୧୧ ହଜାର ହସ୍ତଶିଳ୍ପୀ ପୁରୀ ଜିଲ୍ଲାର ପିପିଲି, ଖୋର୍ଦ୍ଧାର ବନମାଳୀପୁର, ବୌଦ୍ଧ ଜିଲ୍ଲାର ବଟୁପଲ୍ଲୀ, ବଲାଙ୍ଗିର ଜିଲ୍ଲାର ରାଣୀପୁର ଓ ଝରିଆଲଠାରେ ଚାନ୍ଦୁଆ ଶିଳ୍ପୀ ରହିଛନ୍ତି। ପିପିଲିରେ ଚାଲୁଥିବା ଚାନ୍ଦୁଆ ଶିଳ୍ପ ପାଇଁ କଞ୍ଚାମାଲ ବ୍ୟାଙ୍କର ସମ୍ପ୍ରସାରଣ ସଙ୍ଗେ ସଙ୍ଗେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏହାର ପ୍ରତିଷ୍ଠା କରାଯିବା ପାଇଁ ଚାନ୍ଦୁଆ ଶିଳ୍ପୀମାନେ ମତପାଷଣ କରିଥିଲେ। ସେହିପରି ରାଜ୍ୟର ପ୍ରାୟ ୭ ହଜାର ପଥର ଖୋଦେଇ ଶିଳ୍ପୀ ରହିଛନ୍ତି ବୋଲି ୨୦୦୧ରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି । କଟକ ଜିଲ୍ଲାର ଲଳିତଗିରି, ଯାଜପୁରର ସୁଖୁଆପଡ଼ା, ମୟୂରଭଞ୍ଜର ଖିଚିଙ୍ଗ ଏବଂ ପୁରୀ ଜିଲ୍ଲାର ପୁରୀ ଓ କୋଣାର୍କ, କେନ୍ଦୁଝର ଜିଲ୍ଲାର ଧାକୋଟା, ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର, ବାଲେଶ୍ୱର ଜିଲ୍ଲାର ବଉଳାଗଡ଼ିଆଠାରେ ବିଶେଷତଃ ପଥର ଶିଳ୍ପୀ ରହିଛନ୍ତି। ରାଜ୍ୟର ପ୍ରାୟ ୫ ହଜାର କାଠଖୋଦେଇ ଶିଳ୍ପୀ ଭୁବନେଶ୍ୱର, ପୁରୀ ସହର, ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା, କଳାହାଣ୍ଡି ଜିଲ୍ଲାର ଖଇରପଦର, ଭଦ୍ରକ ଜିଲ୍ଲାର ବେତାଳି ଗାଁ ଠାରେ ଏହି ଶିଳ୍ପୀମାନେ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ପଥର ଖୋଦେଇ, କାଠ ଖୋଦେଇ ଓ ଚାନ୍ଦୁଆ ଶିଳ୍ପ ଉପରେ ଏହି କର୍ମଶାଳାର ଆୟୋଜନ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ ହସ୍ତଶିଳ୍ପ ଉପରେ କର୍ମଶାଳା ଅନୁଷ୍ଠିତ ହେବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଅନୁଜ ଦାସପଟ୍ଟନାୟକ, ସ୍ପେଶାଲ ଅଫିସର ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଲିମ୍‌କା ବୁକ୍‌ରେ ସ୍ଥାନ ପାଇଲା 'ଡଙ୍ଗର ଉପରେ କରମସାନି'



**ବରଗଡ଼ :** ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି 'ଡଙ୍ଗର ଉପରେ କରମସାନି' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇଥିବା ଜଣାପଡିଛି। ବରଗଡ ଜିଲ୍ଲା ଗାଇସିଲାଟ୍ ବ୍ଲକ ଶରଧାବାଲି ମହାଜନୀ ଡୁଙ୍ଗୁରୀ ଉପରେ ପଶ୍ଚିମ ଓଡ଼ିଶାର ପ୍ରାୟ ୩ ହଜାର କରମା କଳାକାର ଗତ ଜାନୁଆରୀ ୫ ତାରିଖରେ ଏକତ୍ରିତ ହୋଇ 'ଡଙ୍ଗର ଉପରେ କରମସାନି' କାର୍ଯ୍ୟକ୍ରମରେ ଏକକାଳୀନ ସାମୂହିକ ଭାବରେ କରମା ନୃତ୍ୟ ପରିବେଷଣ କରି ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ଗୁରୁ ରବିରତନ ସାହୁ ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ କରିବା ପାଇଁ ପ୍ରୟାସ ଜାରି ରଖିଥିଲେ। ଶେଷରେ ଏହା ସଫଳ ହୋଇଛି। ଆଗାମୀ ଦିନରେ ମେଡାଲ ଓ ପ୍ରମାଣପତ୍ର ହସ୍ତଗତ ହେବା ପରେ ଏକ ସାମୂହିକ କାର୍ଯ୍ୟକ୍ରମ କରାଯିବ ବୋଲି ଗୁରୁ ଶ୍ରୀ ସାହୁ ସୂଚନା ଦେଇଛନ୍ତି।


ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ମାର୍ଚ୍ଚ, ୨୦୨୦


# କାଳିଆ ଟଙ୍କାରେ କେଳେଙ୍କାରୀ !

ଅବିଶ୍ୱସନୀୟ ମନେ ହେଉଥିଲେ ବି ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫସିବାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି। କାଳିଆ ଟଙ୍କା ପାଇଁ ବିଧାନସଭା ମଧ୍ୟ ଅଚଳ। ଏଭଳି ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା ବେଳେ ବିରୋଧୀ ନେତାଏ ସରକାରଙ୍କୁ ଭର୍ତ୍ସନା କରୁଛନ୍ତି। ଅନେକ କହୁଛନ୍ତି ଯାହା ଆଶଙ୍କା କରାଯାଉଥିଲା ତାହା ଘଟିଲା। ବାବୁମାନେ ଜଗତରନାଥ ଜଗନ୍ନାଥଙ୍କ ଟଙ୍କାକୁ ମଧ୍ୟ ହଡପ କରିବା ପାଇଁ ଚକ୍ରାନ୍ତରେ ସଫଳ ହେଲେ। ଯେଉଁଥିପାଇଁ ବୁଡି ଯାଉଥିବା ବ୍ୟାଙ୍କରେ ଶ୍ରୀଜଗନ୍ନାଥଙ୍କ ଟଙ୍କା ଜମା କରି ଯିଏ ଯାହା ଲାଭ ନେବାର କଥା ନେଇଯାଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ସତରେ କ'ଣ କାଳିଆ ଟଙ୍କାରେ କେଳେଙ୍କାରୀ ହୋଇଛି। ବ୍ୟବସ୍ଥା ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିରର ଏକ ପରିଚାଳନା କମିଟି ରହିଛି। ପରିଚାଳନା କମିଟିର ବିନା ଅନୁମୋଦନରେ ଦାୟିତ୍ୱରେ ଥିବା ଅଧିକାରୀ କିଭଳି ଜାତୀୟକରଣ ବ୍ୟାଙ୍କରୁ ଟଙ୍କା ଉଠାଇ ଘରୋଇ ବ୍ୟାଙ୍କରେ ଜମା ରଖିଲେ ତାହା ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ। ମନ୍ଦିର ଅର୍ଥ ସରକାରୀ ତହବିଲରେ ରହିବାର ବ୍ୟବସ୍ଥା ଥିଲେ ବି କାହା ନିର୍ଦ୍ଦେଶରେ ବା କାହା ପରାମର୍ଶରେ ଏଭଳି କରାଯାଇଛି ପ୍ରଶ୍ନର ଉତ୍ତର ନା ସରକାର ନା ଶ୍ରୀମନ୍ଦିର ପରିଚାଳନା କମିଟି କେହି ସଠିକ୍ ଭାବେ ଦେଇପାରୁ ନାହାନ୍ତି। ଯଦିଓ ୟେସ୍ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁର ଏବେ ଗିରଫ ହୋଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ହେପାଜତରେ ରହିଛନ୍ତି। ତାଙ୍କୁ ମାରାଥନ ଜେରା କରାଯାଇଥିଲା ବେଳେ ରାଣାଙ୍କ ପତ୍ନୀ, କନ୍ୟା ମଧ୍ୟ ଇଡି ନଜରରେ ରହିଛନ୍ତି। ଏପଟେ ଶ୍ରୀମନ୍ଦିର ଟଙ୍କାକୁ ନେଇ ରାଜ୍ୟ ଅର୍ଥ ମନ୍ତ୍ରୀ କେନ୍ଦ୍ର ସରକାର ତଥା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଚିଠି ଲେଖିଛନ୍ତି। ଚୋର ପଳାଇଲା ପରେ ବୁଦ୍ଧି ବାହାରିବା ଭଳି ଏଭଳି କାର୍ଯ୍ୟକ୍ରମ ଆବଶ୍ୟକ ରହିଥିଲେ ବି କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହା ଲୋକଲୋଚନକୁ ଆସିପାରିନାହିଁ।

ଏବେ ପ୍ରଶ୍ନ ଉଠୁଛି ସରକାରୀ ନୀତି ନିୟମର ଉଲ୍ଲଙ୍ଘନ ହେଲେ ନିୟମ ଯେଭଳି କଡାକଡି ପାଳନ କରାଯାଉଛି ସେହିଭଳି ଶ୍ରୀମନ୍ଦିର ଅର୍ଥ ପରିଚାଳନାରେ ତ୍ରୁଟି ଦେଖାଦେଇଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉନି କାହିଁକି। ପ୍ରକୃତ ଅର୍ଥରେ ଏହି ଘଟଣାର ଦୋଷୀ କିଏ ତାହା ମଧ୍ୟ ତଦନ୍ତ ଆରମ୍ଭ ହୋଇନଥିଲା ବେଳେ ସିବିଆଇ ତଦନ୍ତ ପାଇଁ ବିଭିନ୍ନ ଆଡୁ ଦାବି ଉଠୁଛି। ଉଦାହରଣ ସ୍ୱରୂପ ନୂଆ ମଟରଯାନ ଆଇନ କାର୍ଯ୍ୟକାରିତାକୁ ନେଇ ବାରମ୍ବାର ପ୍ରଶ୍ନ ଉଠୁଥିଲା ବେଳେ ସରକାର କିନ୍ତୁ ନିଜ ନିଷ୍ପତ୍ତିକୁ ବଳବତ୍ତର ରଖି ବିଭିନ୍ନ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ଓ ଜରିମାନା ଆଦାୟ ଊଣା କରୁନାହାନ୍ତି। ଭୁଲ ରାସ୍ତାରେ ଯିବାକୁ ନେଇ ହେଉ କିମ୍ବା ବିନା ହେଲ୍‌ମେଟ୍‌ରେ ଗାଡି ଚଳାଇଲା ପରିବହନ ବିଭାଗ କର୍ମଚାରୀ ଓ ପୋଲିସ ବାଲା ଯେଭଳି ତତ୍‌କ୍ଷଣାତ ଜରିମାନା ରସିଦ୍ କାଟି ବଢ଼ାଇ ଦେଉଛନ୍ତି ଓ ଲୋକ ଆଖି ଲୁହ ତୁଣ୍ଡରେ ମାରି ଏହାକୁ ଗଣିବା ପାଇଁ ବାଧ ହେଉଛନ୍ତି ତାହା ସମସ୍ତେ ଜଳଜଳ ଦେଖୁଛନ୍ତି। ଜରିମାନା ଅର୍ଥକୁ ନେଇ ହେଉ କିମ୍ବା ପୋଲିସର ବ୍ୟବହାରକୁ ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳର ସୂତ୍ରପାତ ମଧ୍ୟ ହେଉଛି। ଯାହାକି ବିଭିନ୍ନ ଗଣମାଧ୍ୟମ ତଥା ସୋସିଆଲ ମିଡିଆରେ ଘୁରି ବୁଲୁଛି। ଯଦି ଏକ୍ଷେତ୍ରରେ ନିୟମ ଖିଲାପକାରୀଙ୍କ ପାଇଁ ଏଭଳି କଠୋର ଦଣ୍ଡର ବ୍ୟବସ୍ଥା କରାଯାଇ ପାରୁଛି ସେହିଭଳି ଶ୍ରୀମନ୍ଦିର ଅର୍ଥ ବେନିୟମ ଭାବେ ଘରୋଇ ବ୍ୟାଙ୍କରେ ରଖାଯିବାକୁ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେଉନି କାହିଁକି ? ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେଉଁ ଅଧିକାରୀମାନେ ସରକାରୀ ନିୟମକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଉଛନ୍ତି ଓ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଚାପ ସୃଷ୍ଟି କରୁଛନ୍ତି ସେମାନେ କେମିତି ନିୟମ ବାହାରେ ଯାଉ ଏଭଳି ବେନିୟମ କାର୍ଯ୍ୟ କରୁଛନ୍ତି ତାହାହିଁ ମୂଳ ପ୍ରଶ୍ନ। ପଣ୍ଡିତ ପୁଅ ମାଙ୍କଡ ମାରି ରକ୍ଷା ପାଇବା ନ୍ୟାୟରେ ଯଦି ସରକାର ଏଭଳି ଭ୍ରଷ୍ଟ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ଚକ୍ରବ୍ୟୂହ ରଚନା କରୁଥିବେ ସେଥିରେ ସାଧାରଣ ଲୋକ ନାଚାର ହେବା ସ୍ୱାଭାବିକ। ରାଜ୍ୟ ସରକାର ସବୁବେଳେ ନିଜକୁ ସ୍ୱଚ୍ଛ ଓ ନିର୍ମଳ ଶାସନର ବାର୍ତ୍ତାବହ କହୁଥିଲା ବେଳେ ବାସ୍ତବ କ୍ଷେତ୍ରରେ ଏହି ବାର୍ତ୍ତାର ମହତ୍ୱ କେତେ ତାହା ତର୍ଜମା କରାଯିବାର ଆବଶ୍ୟକତା ରହିଛି। କଥା ଗୋଟେ, କାମ ଗୋଟେ ଭଳି ନ୍ୟାୟ କେବେ ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ରଖିବା ଦିଗରେ ସମର୍ଥ ହୋଇନଥାଏ। ଏଥିରେ କେବଳ ବ୍ୟକ୍ତିଗତ ସ୍ୱାର୍ଥ ହାସଲର ସବୁ ପ୍ରକାର ଫନ୍ଦି ନିହିତ ଥାଏ ବୋଲି ଏହା ସ୍ପଷ୍ଟ ଭାବେ ସମସ୍ତେ ଜାଣନ୍ତି। ଶାସକ ଶୋଷକ ହେଲେ ପ୍ରଜା ଅସହାୟ ହୋଇପଡନ୍ତି। ଏକ୍ଷେତ୍ରରେ ମଧ୍ୟ ସେଭଳି କିଛି ଘଟୁଥିବାର ସନ୍ଦେହ ସୃଷ୍ଟି ହେଲାଣି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱୟଂ ଶ୍ରୀଜଗନ୍ନାଥ ହିଁ ନିଜକୁ ସୁରକ୍ଷିତ ରଖିବା ସହିତ ନିଜ ଟଙ୍କାର ସୁରକ୍ଷା ପାଇଁ ରାସ୍ତା ତିଆରି କରିବେ ବୋଲି ଚର୍ଚ୍ଚା ହେଲାଣି। ଗତ କିଛିବର୍ଷ ହେବ ଓଡ଼ିଶାରେ ରାଜନୀତି ହେଉ କିମ୍ବା ସରକାରୀ କାର୍ଯ୍ୟାଳୟ ସବୁଠି ସବୁବେଳେ ପିସି କାରବାରକୁ ନେଇ ଆଲୋଚନା ଜାରି ରହିଛି। ଭ୍ରଷ୍ଟ ଅଧିକାରୀମାନେ ପିସି ଦ୍ୱାରା ଆକ୍ରାନ୍ତ ହୋଇ ସରକାରୀ ଅର୍ଥକୁ ଲୁଟ୍ କରି ଚାଲିଥିଲା ବେଳେ ଏମାନଙ୍କ ବିରୋଧରେ କାଁ ଭାଁ କାର୍ଯ୍ୟାନୁଷ୍ଠାନ ହେଉଥିବାରୁ ସଂଘ ବାନ୍ଧି ପିସି ଖାଉଥିବା ହାକିମମାନେ କାହାକୁ ଭୟ କରୁନାହାନ୍ତି। ବିଭାଗୀୟ ମନ୍ତ୍ରୀମାନେ ମଧ୍ୟ ଏ କ୍ଷେତ୍ରରେ ସାଧାରଣ ଲୋକଙ୍କ ଅବଗତ ପାଇଁ ସେଭଳି କିଛି ସ୍ପଷ୍ଟ ସୂଚନା ନଦେବା ଦ୍ୱାରା ଏହା ଏକ ପ୍ରାୟୋଜିତ କାର୍ଯ୍ୟ ବୋଲି ମଧ୍ୟ ବୁଦ୍ଧିଜୀବୀମାନେ ଚର୍ଚ୍ଚା କରୁଛନ୍ତି। ଯଦି ସମସ୍ତଙ୍କ ଜ୍ଞାତସାରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ହଡପ କରିବାର ଯୋଜନା କରାଯାଇଥିବ ଓ ଏହାକୁ କାର୍ଯ୍ୟକାରୀ କରିଥିବା ଅଧିକାରୀମାନେ ନିଶ୍ଚିତ ରହିବା ସ୍ୱାଭାବିକ। କାରଣ ତାଙ୍କ ପଛରେ ତାଙ୍କଠୁ ଅଧିକ ବୁଦ୍ଧିସମ୍ପନ୍ନ ଓ ଦକ୍ଷ ହାକିମଙ୍କ ହାତ ଓ ଆଶୀର୍ବାଦ ରହିଛି। ଯେଉଁଥିପାଇଁ ଉକ୍ତ ଘଟଣାକୁ ନେଇ ଯାହାବି ବିପଦ ଆସିବ ସେମାନେ ସବୁ ସମ୍ଭାଳିନେବେ। ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ଯେଭଳି ହଟଚମଟ ସୃଷ୍ଟି ହୋଇଥିଲା ଓ ସାରା ବିଶ୍ୱରେ ଶ୍ରୀଜଗନ୍ନାଥପ୍ରେମୀଙ୍କ ମନରେ ଏହାକୁ ନେଇ ଆଲୋଡନ ସୃଷ୍ଟି ହୋଇଥିଲା ତାହାର ପରିସମାପ୍ତି ଏଯାଏ ହୋଇନାହିଁ। ନା' ରତ୍ନଭଣ୍ଡାର ଖୋଲିଲା ବା ସେଠାରେ କ'ଣ ଧନସମ୍ପତ୍ତି, ହୀରା, ଲୀଳା, ମୋତି, ମାଣିକ, ବୈଦୁର୍ଯ୍ୟ ରହିଛି କେହି ଜାଣିପାରିଲେନି। ନକଲି ଚାବି ଓ ଅସଲି ଚାବି ରହସ୍ୟ ମଧ୍ୟ ରହସ୍ୟ ଘେରରେ ଏଯାଏ ଅଛି। ଜନଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ପ୍ରାୟୋଜିତ କାର୍ଯ୍ୟକ୍ରମ ଦ୍ୱାରା ଏହାକୁ କେବଳ ଚପାଇ ଦିଆଯାଇଛି। ହେଲେ ସତ ଘଟଣା ଏଯାଏ ପଦାକୁ ଆସିନି। ବର୍ତ୍ତମାନ ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଏହାର ଚତୁଃପାର୍ଶ୍ୱ ଅଞ୍ଚଳକୁ ବିକାଶ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡିଥିଲା ବେଳେ ୟେସ୍ ବ୍ୟାଙ୍କରେ ଶ୍ରୀଜଗନ୍ନାଥଙ୍କ ଟଙ୍କା ବୁଡିଯିବା ପୁଣି ଗୋଟେ ନୂଆ ରହସ୍ୟ ସୃଷ୍ଟି କଲାଣି। ଯଦିଓ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ ପାଇଁ ପନ୍ଥା ବାହାର କରିବେ ତଥାପି ଘଟଣା ପଛରେ ରହିଯାଇଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ତ ?


ସମ୍ପାଦକୀୟ
ତାରକ ମହାନ୍ତି


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ବଢୁଛି ବିଜେପିର ଚିନ୍ତା


ସୌମେନ୍ଦ୍ର ଜେନା

ବିଜେପିର କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟସଭାକୁ ଦଳୀୟ ସଦସ୍ୟଙ୍କୁ ରାଜ୍ୟରୁ ପଠାଇବାକୁ ଏବଂ ସଂସଦରେ ବିଲପାସ୍ କରିବାକୁ ବିଜେଡିର ସମର୍ଥନ ଆବଶ୍ୟକ କରୁଥିବା ହେତୁ ସେମାନେ ନବୀନଙ୍କ ନିକଟତର ହୋଇ ରହିଛନ୍ତି । ନବୀନବାବୁ ମଧ୍ୟ ସେମାନଙ୍କୁ ଅବହେଳା କରୁନାହାନ୍ତି ଯେଉଁଥିପାଇଁ ବିଜେପିର କେନ୍ଦ୍ର ନେତାମାନେ ରାଜ୍ୟକୁ ଆସିଲେ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରୁଛନ୍ତି । ଯାହା ରାଜ୍ୟ ନେତୃବୃନ୍ଦଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଏଭଳି ସ୍ଥିତିରେ ବିଜେପି-ବିଜେଡି ମେଣ୍ଟ ପୁଣି ହୋଇପାରେ ବୋଲି ଚର୍ଚ୍ଚା ଧରିଛି । କାରଣ ଏନ୍‌ଡିଏ ମେଣ୍ଟକୁ ଶକ୍ତିଶାଳୀ କରିବାକୁ କେନ୍ଦ୍ର ନେତୃବୃନ୍ଦ ଚାହୁଁଛନ୍ତି । ଏଣେ ଦଳୀୟ ନେତୃବୃନ୍ଦ ରାଜ୍ୟର ପ୍ରତିନିଧିଙ୍କ ପାଇଁ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେଲେଣି । ନିକଟରେ ବିଜେପିର ରାଜ୍ୟ ସଭାପତି ପଦବୀ ପାଇଁ ନିର୍ବାଚନ ଶେଷ ହୋଇଛି । ନିର୍ବାଚନ ପୂର୍ବରୁ ଦଳର ନେତୃତ୍ୱ ପାଇଁ ଅପରାଜିତାଙ୍କ ନାମ ମଧ୍ୟ ଚର୍ଚ୍ଚା ଭିତରକୁ ଆସିଥିଲା । ଯେମିତି କେନ୍ଦ୍ର ସରକାର ଗଠନ ବେଳେ ମନ୍ତ୍ରିତ୍ୱକୁ ନେଇ ଉଠିଥିଲା । ଆଉ ମଧ୍ୟ ନିର୍ବାଚନ ବେଳେ ବିଜେପିର ବିକଳ୍ପ ନେତୃତ୍ୱ ନେଇ ଗଣମାଧ୍ୟମଗୁଡିକରେ ଅପରାଜିତାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଗତ ନିର୍ବାଚନରେ ଭୁବନେଶ୍ୱର ଲୋକସଭା ଆସନରେ ବିଜେପିର ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଥିଲା ବେଳେ ବିଧାନସଭା ପ୍ରାର୍ଥୀମାନେ ପରାଜିତ ହୋଇଥିଲେ । ଏହାକୁ ନେଇ ସେତେବେଳେ ଅଧିକ ଆଲୋଚନା ହୋଇନଥିଲା । ଅପରାଜିତାଙ୍କ ବିଜୟକୁ ସମସ୍ତେ ଗ୍ରହଣ କରିନେଇଥିଲେ ମଧ୍ୟ ଅନ୍ୟ ଦଳୀୟ ପ୍ରାର୍ଥୀଙ୍କ ପରାଜୟକୁ ଗୁରୁତ୍ୱ ଦିଆଯାଇ ନଥିଲା ।

ନିର୍ବାଚନ ପୂର୍ବରୁ ଆଇଏଏସ୍ ଚାକିରୀରୁ ଇସ୍ତଫାଦେଇ ଅପରାଜିତା ବିଜେପିରେ ସାମିଲ ହେବା ବେଳୁ ସେ ଯେ ରାଜ୍ୟ ବିଜେପିର ଭବିଷ୍ୟତ ନେତ୍ରୀ ହେବେ ସେ ନେଇ ଆଲୋଚନା ଜୋର ଧରିଥିଲା । ବିଜେପିରେ ସାମିଲ ହେବା ପରେ ଅପରାଜିତାଙ୍କ ବିଜୟ ପାଇଁ ଯୋଜନାବଦ୍ଧ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ । କିନ୍ତୁ ନିର୍ବାଚନ ପାଖେଇ ଆସିଲା ବେଳକୁ ଅପରାଜିତାଙ୍କ ଟିକେଟ ପାଇବା ସ୍ଥିତି ସୁଦୃଢ ହୋଇ ସାରିଥିଲା ବେଳେ ବର୍ଷ ବର୍ଷ ଧରି କାର୍ଯ୍ୟକରି ଆସିଥିବା ଦଳୀୟ ନେତାମାନଙ୍କ ପାଦତଳୁ ମାଟି ଖୋଳାଯାଇଥିଲା । ଯାହା ଫଳରେ ଏକାମ୍ର ନିର୍ବାଚନ ମଣ୍ଡଳୀରେ ଅମୀୟ ଦାଶ, ଜଟଣୀରେ ସୁଦୀପ୍ତ ରାୟ, ବୋଲଗଡ ବେଗୁନିଆରେ ଯତିନ ମହାନ୍ତିଙ୍କ ପରି ପୁରୁଣା ନେତାମାନଙ୍କ ପକ୍ଷଚ୍ଛେଦନ କରାଯାଇଥିଲା । ଅଥଚ ମାତ୍ର କେଇଦିନର ସଂପର୍କରେ ଯୋଡି ହୋଇଥିଲା ବିଜେଡିର ନେତା ବାବୁସିଂହ ଏବଂ ପ୍ରଶାନ୍ତ ନନ୍ଦଙ୍କ ପୁଅ ଋଷଭ ନନ୍ଦ ଯଥାକ୍ରମେ ଏକାମ୍ର ଏବଂ ବୋଲଗଡରୁ ପ୍ରାର୍ଥୀ ହୋଇଥିଲେ । ତେବେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଧାନସଭା ପ୍ରାର୍ଥୀମାନଙ୍କ ନାମ ଅପରାଜିତାଙ୍କ ମତାନୁସାରେ ଦିଆଯାଇଥିବା ନେଇ ସେତେବେଳେ ବିଜେପିରେ ଆଲୋଚନା ହେଉଥିବା ବେଳେ ଦଳ ଭିତରେ ଅସନ୍ତୋଷକୁ ଚାପି ଦିଆଯାଇଥିଲା । ନିର୍ବାଚନରେ ବିଜୟୀ ହେବାପାଇଁ ବିଜେଡି ନେତାଙ୍କୁ ଟିକେଟ ଦେଇ ନିଜ ବିଜୟକୁ ସୁରକ୍ଷିତ କରିବା ଅପରାଜିତାଙ୍କ ଏକ ଚାଲଥିଲା । ଯାହାକୁ ଗଣମାଧ୍ୟମ ଲୋକେ ସେତେବେଳେ ଧରିପାରିନଥିଲେ । ଅପରାଜିତା ଜାଣିଥିଲେ ଯେ କେବଳ ନିଜସ୍ୱ ପରିଚିତି କିମ୍ବା ବ୍ୟାପକ ପ୍ରଚାର ନୁହେଁ ମଧ୍ୟବର୍ତ୍ତୀ ବୁଝାମଣା ବଳରେ ବିରୋଧୀଙ୍କ କିଛି ଭୋଟ ସେ ନିଜ ସପକ୍ଷରେ ନେଇପାରିଲେ ବିଜୟୀ ହୋଇପାରିବେ । ତେଣୁ ବିଜେପିର ପ୍ରାର୍ଥୀ ହୋଇ ସେ ବିଜେଡିର ଅସନ୍ତୁଷ୍ଟ ନେତାମାନଙ୍କୁ ବିଜେପିର ବିଧାନସଭା ପ୍ରାର୍ଥୀ ଭାବେ ଟିକେଟ୍ ଦେବାକୁ ଦଳକୁ କହିଲେ । ତଦନୁଯାୟୀ ପୁରୁଣା ପ୍ରାର୍ଥୀମାନଙ୍କ ସ୍ଥାନରେ ବିଜେଡିର ନବାଗତ ନେତାଙ୍କୁ ବିଜେପିର ଟିକେଟରେ ଲଢିବାକୁ ସୁଯୋଗ ମିଳିଲା । ନିର୍ବାଚନ ପ୍ରଚାର ସମୟରେ ଏପରିକି ପରେ ଅପରାଜିତାଙ୍କ ଏହି ଆଭିମୁଖ୍ୟକୁ ସହଜରେ ଦଳୀୟ କର୍ମୀମାନେ ଗ୍ରହଣ କରିପାରିନଥିବା ହେତୁ ସେ ନିଜର କାର୍ଯ୍ୟରେ ବିଜେଡିର କର୍ମୀମାନଙ୍କୁ ଅଧିକ ନିଯୁକ୍ତ କରିବାରେ ଲାଗିପଡିଲେ । ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ଯେ ଆଗାମୀ ଦିନରେ ବୋଧହୁଏ ଅପରାଜିତା ବିଜେଡି ମୁହାଁ ହୋଇପାରନ୍ତି କିମ୍ବା ଆଗାମୀ ନିର୍ବାଚନ ବିଜେଡିରୁ ଲଢିପାରନ୍ତି । ଯେଉଁ କର୍ମୀମାନଙ୍କୁ ଏକଦା ବିବାଦୀୟ ଦଳ ପକ୍ଷରୁ ନିଲମ୍ବନ କରାଯାଇଥିଲା ସେମାନଙ୍କୁ ଅପରାଜିତା ନିଜ ସହ ରଖିବାକୁ ନେଇ ଦଳୀୟ ଲୋକେ ଆଦୌ ସନ୍ତୁଷ୍ଟ ନାହାନ୍ତି । ଯେଉଁଥି ପାଇଁ ବିଗତ ଦିନମାନଙ୍କରେ ଭୁବନେଶ୍ୱର ଜିଲ୍ଲା ସଂଗଠନ ସହ ସାଂସଦଙ୍କ ମଧ୍ୟରେ ମତପାର୍ଥକ୍ୟ ଯୋଗୁ ଦୁଇ ଦୁଇ ଥର ମାମଲା ଉଠିଲାଣି । ଏପରିକି ଜିଲ୍ଲା ସଭାପତି ସାଂସଦଙ୍କ ବିରୋଧରେ ସାଧାରଣରେ ଅଭିଯୋଗ ମଧ୍ୟ ଆଣିଛନ୍ତି । ସାଂସଦଙ୍କ ଲୋକେ ତାଙ୍କ ଉପରେ ଆକ୍ରମଣ କରିବା ନେଇ ଖବର ସମ୍ବାଦପତ୍ରରେ ମଧ୍ୟ ପ୍ରକାଶ ପାଇଛି । କେତେକ ଏହା ପଛରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କର ହାତଥିବା ନେଇ ପ୍ରଚାର କରୁଛନ୍ତି । ଅପରାଜିତାଙ୍କ ବିଜେପିରେ ଯୋଗଦାନ ପରେ ତାଙ୍କ ଭବିଷ୍ୟତ ସନ୍ଦେହରେ ରହିଥିବା ସେମାନେ ପ୍ରକାଶ କରିଛନ୍ତି । କିନ୍ତୁ ଏ ପ୍ରକାର ଦୂରତା ସଂଗଠନ ପାଇଁ ଭଲ ନୁହେଁ ବୋଲି କୁହାଯାଉଛି । ଅବଶ୍ୟ ସାସଂଦ ଅପରାଜିତା ନିକଟରେ ୟୁଟର୍ଣ୍ଣ ନେଇ ଦଳୀୟ ବିରୋଧୀଙ୍କୁ ନିଜ ପକ୍ଷରେ ନେବାଲାଗି ଚେଷ୍ଟା ଆରମ୍ଭ କରି କେତେକଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି ।

ଅପରପକ୍ଷେ ସାଂସଦଙ୍କ ବିକାଶ ପାଣ୍ଠିର ଉପଯୋଗ ପାଇଁ ସାଂସଦ ନିଜେ ଏକ ସମାନ୍ତରାଳ ମହିଳା ସଂଗଠନ ଗଢି ଛିଡା କରିବାରେ ଲାଗିପଡିଛନ୍ତି ବୋଲି ଅପରାଜିତାଙ୍କ ସମାଲୋଚକମାନେ କହିବାରେ ଲାଗିଛନ୍ତି । ଅନେକ ସ୍ଥାନରେ ଦଳୀୟ କର୍ମକର୍ତ୍ତାଙ୍କୁ ସାଂସଦ ଗୁରୁତ୍ୱ ଦେଉନଥିବା ଅଭିଯୋଗ ମଧ୍ୟ ଉଠିଛି । ଏକଥା ସତ ଯେ ବିଜେପିର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇବାକୁ ସହଯୋଗୀ ସଂଗଠନମାନଙ୍କ ସମର୍ଥନ ଆବଶ୍ୟକ ହୋଇଥାଏ । ବିଜେପି ବିଚାରଧାରାର ବିବିଧ କ୍ଷେତ୍ରରେ ଲୋକଙ୍କ ସମର୍ଥନ ଅଭାବରୁ ଯେପରି ବିଗତ ଦିନରେ ବିଜୟ ମହାପାତ୍ର ନିଜସ୍ୱ ପରିଚୟ ସତ୍ତ୍ୱେ ବିଜେପି ସଂଗଠନରେ ନିଜକୁ ଖାପଖୁଆଇବାରେ ଅସମର୍ଥ ହୋଇଥିଲେ ଠିକ୍ ସେମିତି ଅପରାଜିତାଙ୍କ କ୍ଷେତ୍ରରେ ହୋଇଛି । ବିବିଧ କ୍ଷେତ୍ରର ସଂଗଠକ ଏବଂ କର୍ମୀମାନେ ଅପରାଜିତାଙ୍କ ସଂପର୍କରେ ନକାରାତ୍ମକ ମନ୍ତବ୍ୟ ଦେବା ଦଳପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି । ପ୍ରତ୍ୟେକ ରାଜନୈତିକ ଦଳ ପାଇଁ ନିର୍ବାଚନ ଆସେ ଏବଂ ଯାଏ, କିନ୍ତୁ ସଂଗଠନ ଓ ବିଚାରଧାରାର ଲୋକେ ନିରନ୍ତର ସେମାନଙ୍କ କାର୍ଯ୍ୟ କରୁଥାନ୍ତି । ନେତାମାନେ ଦଳରେ ଯୋଗଦେବା କିମ୍ବା ଦଳଛାଡି ବାହାରକୁ ଯିବାରେ ବିଚାରଧାରା ଦୁର୍ବଳ ହୋଇନଥାଏ । ଜଣେ ନେତା ଗଲେ ଆଉ ଜଣେ ନେତା ଆସେ, ଜଣକ ବଦଳରେ ଅନ୍ୟଜଣେ ସ୍ଥାନ ଗ୍ରହଣ କରେ । ଏମିତି ଅତୀତରେ ଅନେକ ନେତା ବିଜେପି ଛାଡି ଅନ୍ୟ ଦଳକୁ ଯାଇ ବଡ ବଡ ପଦବୀ ମଧ୍ୟ ପାଇଛନ୍ତି । ହେଲେ ବିଜେପିର ବିଚାରଧାରା ସେମାନଙ୍କ ପାଇଁ ଦୁର୍ବଳ ହୋଇନାହିଁ ବରଂ ଅଧିକରୁ ଅଧିକ ସଶକ୍ତ ହୋଇଛି ।

ଏହି ଦୃଷ୍ଟିରୁ ବିଜେପି ପରି ଏକ କ୍ୟାଡରଭିତ୍ତିକ ଦଳପାଇଁ ବ୍ୟକ୍ତିଗତ ପ୍ରତିଷ୍ଠା ଅପେକ୍ଷା ଦଳୀୟ ନିଷ୍ଠା ବଡ କଥା । କିନ୍ତୁ ତତ୍‌କାଳୀନ ଲାଭ ପାଇଁ କାର୍ଯ୍ୟ କରୁଥିବା ନେତାମାନେ ସେମିତି ନିଷ୍ଠାପର ହୋଇ କାର୍ଯ୍ୟ କରିପାରନ୍ତି ନାହିଁ । ସେମାନେ ନିର୍ବାଚନୀ ଗଣିତକୁ ନେଇ କାର୍ଯ୍ୟ କରୁଥାନ୍ତି, ପଟ୍ଟ ପରିବର୍ତ୍ତନ କରୁଥାନ୍ତି । ଦଳୀୟ ସଫଳତା ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଜୋରଦେବାରେ ଲାଗିଥାନ୍ତି । ସେଭଳି କ୍ଷେତ୍ରରେ ନିର୍ବାଚନରେ ବିଜୟୀ ହେଉଥିବା ବ୍ୟକ୍ତି ସଂଗଠନର ବିଶେଷ କିଛି କାର୍ଯ୍ୟ କରେନାହିଁ । ଏହା ଯଦି ଅପରାଜିତାଙ୍କ କ୍ଷେତ୍ରରେ ହୁଏ ତେବେ ବିଜେପିର ଲାଭ ହେବ ନାହିଁ । ହଁ ଏକଥା ମଧ୍ୟ ସତ ଯେ ବିଜେପିର ସହଯୋଗୀ ବିବିଧ କ୍ଷେତ୍ରର ଯେଉଁମାନେ ଏମ୍‌ପିଙ୍କ ପାଣ୍ଠିରୁ ନିଜ ସଂଗଠନ ପାଇଁ ସୁବିଧା ନେବାକୁ ଲକ୍ଷ୍ୟ ରଖିଛନ୍ତି, ସେମାନେ ଅପରାଜିତାଙ୍କ ନିକଟରେ ଗହଳି କରୁଛନ୍ତି । ତେବେ ପ୍ରଶାସନରେ ଥିବା ସମୟରୁ ସେ ଗ୍ରାମାଞ୍ଚଳରେ ଅନେକ ଲୋକଙ୍କ ସହ ଯେଉଁ ସଂପର୍କ ରଖିଥିଲେ ତାହା ଏବେ କାମରେ ଆସୁଛି । ସେହି ସବୁ ଲୋକଙ୍କ ମାଧ୍ୟମରେ ଅପରାଜିତା ଅତି କମ୍ ଦିନରେ ନିର୍ବାଚନ ମଣ୍ଡଳୀର ଅନେକ ଗ୍ରାମାଞ୍ଚଳରେ ପ୍ରଚାର ପାଇଁ ପ୍ରବେଶ କରିବାର ସୁବିଧା ପାଇଥିଲେ ।

ସଂପ୍ରତି ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ବଣ୍ଟନ କ୍ଷେତ୍ରରେ ଅପରାଜିତାଙ୍କ ଆଭିମୁଖ୍ୟ ଦଳୀୟ କର୍ମୀଙ୍କୁ ଅସନ୍ତୁଷ୍ଟ କରିଛି । ରାଜ୍ୟରେ ଦୁର୍ବଳ ସାଂଗଠନିକ ଢାଞ୍ଚା ଏବଂ ନିଷ୍ଠାପର କର୍ମୀଙ୍କ ଅଭାବ ହେତୁ ତଳସ୍ତରରେ ବିଜେପିକୁ ପହଞ୍ଚାଇବାକୁ କଷ୍ଟ ହେଉଥିବାରୁ ବୋଧହୁଏ ନେତାମାନେ ନିଜର ବିଶ୍ୱସ୍ତ କିମ୍ବା ବାହାର ଲୋକଙ୍କୁ ଆଣି ଦାୟିତ୍ୱ ଦେଉଛନ୍ତି । ସେମିତି ଅପରାଜିତା କରୁଥିବେ ନିଶ୍ଚୟ । ତେବେ ଅପରାଜିତାଙ୍କ କାର୍ଯ୍ୟରେ ବିଜେପିର ଅନେକଙ୍କ ଚିନ୍ତା ବଢିଛି, ଏହା ସତକଥା । ତାଙ୍କ ସକ୍ରୀୟତା ଓ ଲୋକସଂପର୍କ ଶୈଳୀ ଯେ ଦଳୀୟ ନେତାଙ୍କଠାରୁ ଭିନ୍ନ ତାହା ସମସ୍ତେ ଜାଣନ୍ତି । ଯଦି ସେ ତାଙ୍କ ଲୋକସଂପର୍କ ଓ ସାଂଗଠନିକ କାର୍ଯ୍ୟ ଏକ ସମୟରେ କରିବାକୁ ସକ୍ଷମ ହୁଅନ୍ତି ତେବେ ଆଗାମୀ ଦିନରେ ସେ ଅନ୍ୟମାନଙ୍କ ପାଇଁ ଆହ୍ୱାନ ହୋଇ ଛିଡାହେବେ ନିଶ୍ଚୟ । ତାଙ୍କଠାରେ ବିକଳ୍ପ ନେତୃତ୍ୱକୁ ଦେଖିବାକୁ ଲୋକେ ଯେ ଆଗ୍ରହୀ ହେବେ ସେଥିରେ ସନ୍ଦେହ କରିବାର କିଛି ନାହିଁ ।


*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*


# ନାରୀ ଓ ପୁରୁଷ - ଏକ ମୁଦ୍ରାର ଦୁଇପାର୍ଶ୍ୱ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ। ନିଶ୍ଚୟାତ୍ମକ ଭଙ୍ଗୀରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ନାରୀ ଧାରଣ କରେ, ବୃଦ୍ଧି ଘଟାଏ, ଏହି ଧାରଣ ଓ ପୁଷ୍ଟି କରିବା ହିଁ ନାରୀର ନାରୀତ୍ୱ। ନାରୀ କେବଳ ସନ୍ତାନକୁ ଗଢ଼ି ଉଠାଏ ନାହିଁ, ବରଂ ପୁରୁଷଗଣ ଓ ସମାଜକୁ ଶିକ୍ଷିତ କରାଇ ଉଚ୍ଚତର ସଭ୍ୟତାରେ ପହଞ୍ଚାଇବା ହିଁ ନାରୀର ଧର୍ମ। ଏଥିପାଇଁ ନାରୀ ପାଖରେ ଅଛି ସ୍ନେହ, ସଂଯମ, ଆତ୍ମତ୍ୟାଗ, ବିଶ୍ୱସ୍ତତା ଓ ପବିତ୍ରତା। ପ୍ରକୃତିରେ ଏପରି କୌଣସି ବୀଜ ନାହିଁ ଯାହା ଆଶ୍ରୟ ନପାଇ, ପୋଷଣ ଓ ପୁଷ୍ଟିର ଅଭାବ ସତ୍ତ୍ୱେ ପରିସ୍ଫୁଟ ହୋଇଉଠିଛି। ଏହି ଆଶ୍ରୟ, ପୁଷ୍ଟି ଓ ପୋଷଣ ଏକମାତ୍ର ନାରୀ ବା ମାତୃଜାତି ପାଖରେ ହିଁ ଦେଖାଯାଏ। ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପୁରୁଷର ଅର୍ଥ ହେଉଛି ପୂରଣ ସ୍ୱଭାବ ସମ୍ପନ୍ନ, ପୁରୁଷ ଅନ୍ୟର ଅଭାବ ପୂରଣ କରେ, ସାର୍ଥକ କରେ, କୃତକାର୍ଯ୍ୟ କରି ଉଠାଏ, ପାରଗତାରେ ଉଦ୍‌ବୁଦ୍ଧ, ଉନ୍ନତ ଓ କୃତାର୍ଥ କରି ତୋଳିବା ହିଁ ପୁରୁଷର ପୁରୁଷତ୍ୱ। ପୁରୁଷ ଚାହେଁ ନାରୀ ଠାରେ ବିଶ୍ରାମ ନେବାକୁ, ନାରୀ ଚାହେଁ ପୁରୁଷକୁ ସୁସ୍ଥ, ସ୍ୱସ୍ଥ ଓ ବୃଦ୍ଧି କରିଉଠାଇବାରେ। ଯେଉଁଠାରେ ନାରୀ ତା'ର ଏହି ଆଦିମ ସ୍ୱଭାବକୁ ବ୍ୟାହତ କରିଛି ସେହିଠାରେ ହିଁ ସେ ବ୍ୟର୍ଥତାର ଆଲିଙ୍ଗନରେ ବିଧ୍ୱସ୍ତ, ବିବ୍ରତ ଓ ବିକୃତ ହୋଇଉଠିଛି। ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଚ୍ଛ୍ୱସିତ ଭଙ୍ଗୀରେ କହିଲେ - ଗୋଟିଏ ଢ଼େଉର ଉଦ୍‌ବେଳାୟିତ ଅବସ୍ଥା ହେଉଛି ପୁରୁଷ ଓ ଅବବେଳାୟିତ ଅବସ୍ଥାଟି ନାରୀ। ଅବବେଳାୟିତ ଉପରେ ଭାର ଦେଇ ଉଦ୍‌ବେଳାୟିତରେ ଦଣ୍ଡାୟମାନ ହୁଏ ପୁରୁଷ। ପ୍ରକୃତି ହେଉଛି ପୁରୁଷର ବିଶ୍ରାମ କ୍ଷେତ୍ର। ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ - ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ - ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି - ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।


*ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
ଦୂରଭାଷ : ୯୪୩୭୦୫୧୯୫୭



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା


ଅନୁବାଦ- ଉପାଳୀ ଦାଶ

**ତ୍ୟାଗ :-**

ଦୁଇଟି ସାଧୁ ଯାତ୍ରା କରୁଥିଲେ ବଦ୍ରୀନାଥ। ବଦ୍ରିନାଥ ଦର୍ଶନ କରିବା ପାଇଁ। ଜଣକ ପାଖରେ କମ୍ବଳ ଥିଲା। ଅନ୍ୟଜଣକ ପାଖେ କମ୍ବଳ ନଥିବାରୁ ଥଣ୍ଡାରେ ଯାତ୍ରା କରିବା ବହୁତ କଠିନ ହେଉଥାଏ। ଏହି ସମୟରେ ସାଧୁ ଜଣଙ୍କ ଗଙ୍ଗାଜଳରେ କମ୍ବଳଟିଏ ଭାସିଯାଉଥିବାର ଦେଖିଲେ। କମ୍ବଳଟିକୁ ଆଣିବା ପାଇଁ କୁଦା ମାରିବାକୁ ପ୍ରୟାସ କରିବାକୁ ଯାଉଥିବା ସମୟରେ ସାଥିରେ ଥିବା ସାଧୁ ଜଣଙ୍କ ତାଙ୍କୁ ବୁଝାଇ ମନାକଲେ ଯେ, ସ୍ରୋତ ଅଧିକ ଏବଂ ପାଣି ବହୁତ ଥଣ୍ଡା ଏଥିରେ ପାରିକୁ ଡେଇଁଲେ ଜୀବନପ୍ରତି ବିପଦ ନିଶ୍ଚିତ। ମୋ କମ୍ବଳ ନେଇଯାଅ ପଛେ ପାଣିକୁ କୁଦା ମାରନାହିଁ। କିନ୍ତୁ ସାଧୁ ଲୋଭରେ ପାଣିକୁ ଡେଇଁ ପଡିଲେ ଓ ପହଁରୀ କମ୍ବଳଟିକୁ ଧରି ପକାଇଲେ। କିଛି ସମୟ ବହୁ ପ୍ରୟାସ କରି ମଧ୍ୟ ସେ କୂଳକୁ ଆସିପାରୁ ନଥାନ୍ତି। କୂଳରେ ବସିଥିବା ସାଧୁ ଜଣକ ବଡ ପାଟିକରି କହିଲେ କମ୍ବଳକୁ ଛାଡିଦିଅ ଆଉ କୂଳକୁ ଚାଲି ଆସ। ପାଣିକୁ ଡେଇଁଥିବା ସାଧୁ ଜଣକ କହିଲେ ମୁଁ କମ୍ବଳ ଛାଡିବି କଣ କମ୍ବଳ ମୋତେ ଛାଡୁନାହିଁ। କେମିତି ଛାଡିଥାନ୍ତା ! ତାହା କମ୍ବଳ ନଥିଲା ଗୋଟେ ଭାଲୁଥିଲା। ଭାଲୁଟିବି ଚାହୁଁଥିଲା ମଣିଷଟିର ସାହାରାରେ କୂଳରେ ପହଞ୍ଚିବାକୁ। ଶେଷରେ ଦୁହେଁ ପାଣିରେ ବୁଡି ଗଲେ। କଥାରେ ଅଛି ଲୋଭରୁ ମୃତ୍ୟୁ। ଠିକ ତାହାହିଁ ଘଟିଥିଲା।

ତ୍ୟାଗ କାହାର କରିବା ? କାମ, କ୍ରୋଧ, ଲୋଭ, ମୋହ, ଛଳ କପଟ, ଚୋରୀ, ବ୍ୟଭିଚାର, ହିଂସା ଏସବୁର ତ୍ୟାଗ କରିବା। ସଦ୍‌ଗୁଣର ଆବିର୍ଭାବ ପାଇଁ ଦୁର୍ଗୁଣର ତ୍ୟାଗ ଆବଶ୍ୟକ। ଯଦି ଏକ ବାଲଟିରେ ଖରାପ ପାଣି ରହିଛି ତେବେ ସେଥିରେ ସ୍ୱଚ୍ଛ ପାଣି ଲଗାତର ଢାଳିବା ଦ୍ୱାରା ଖରାପ ପାଣି ସବୁ ବାହାରକୁ ଯାଇ କେବଳ ସ୍ୱଚ୍ଛ ପାଣି ହିଁ ରହିଥାଏ। ଠିକ୍ ସେହିଭଳି ଆମେ ଆମର ମନରେ ଥିବା ଅସତବୃତ୍ତି ଓ ମନୋବିକାରକୁ ଦୂର କରିବା ପାଇଁ ସର୍ବଦା ସତ୍‌ବ୍ୟବହାର, ସତସଙ୍ଗ, ସ୍ୱାଧ୍ୟାୟ ତଥା ଈଶ୍ୱର ସ୍ମରଣର ସାହାରା ନେବାକୁ ପଡିବ। ଅଭ୍ୟାସେନ ତୁ କୌନ୍ତେୟ... । ଗୀତାରେ ଭଗବାନ କହିଛନ୍ତି ଅଭ୍ୟାସ ଦ୍ୱାରା ବୈରାଜ୍ୟ ଉତ୍ପନ୍ନ ହୋଇଥାଏ। ଏହା ଏକ ନିର୍ବିବାଦ ସତ୍ୟ ଅଟେ। ଜୀବନରେ ସଂଯମତାର ଅଭ୍ୟାସ ମଧ୍ୟ ନିତ୍ୟାନ୍ତ ଜରୁରୀ ଅଟେ। ଯଦି ଆମେ ପ୍ରାରମ୍ଭରୁ ସଂଯମ ଜୀବନ ବିତାଇବା ଯଥା ଖାଇବା, ପିଇବା, ଶୋଇବା, କସରତ କରିବା ଇତ୍ୟାଦିକୁ ଏକ ନିୟମରେ ରଖିବା ତେବେ ଭବିଷ୍ୟତରେ ଡାକ୍ତର ପାଖକୁ ଯିବାକୁ ପଡିବନି ଓ ଏହା ତ୍ୟାଗ କର। ତାହା ତ୍ୟାଗ କର ଏସବୁ ଶୁରିବାକୁ ପଡିବନି। ଅତଃ ଜୀବନରେ ସହଜତାରେ ତ୍ୟାଗ କଲେ ଡାକ୍ତରଙ୍କ ଦ୍ୱାରା ଜବରଦସ୍ତି ତ୍ୟାଗ କରିବାକୁ ପଡିବ ନାହିଁ। ତେଣୁ ଦେହରେ ଅନାସକ୍ତି, ସାଧନ ସୁବିଧାର ତ୍ୟାଗ ଓ ସତତ ଈଶ୍ୱର ପରାୟଣତା ହିଁ ଜୀବନ ଉତ୍କର୍ଷର ମାର୍ଗ ଅଟେ।

(କ୍ରମଶଃ)

# ଅଭିଳାଷା



**ରାଜେଶ ପୂଜାରୀ**

ଅନେକ ଦିନ ପରେ ଦୈବାତ୍ ମୁହେଁଇ ଗଲି
ଅଭିଳାଷା ସାଙ୍ଗରେ
ପ୍ରଥମେ ତ ଭରସୁ ନଥିଲି ଇଏ ହିଁ ସେଇ
କ୍ଷଣିକେ ରାମାୟଣ କ୍ଷଣିକେ ମହାଭାରତ
ଘଟାଉଥିଲେ ଯାର ସବୁ ଛାଇ,

ସବୁକିଛି ତଟସ୍ଥ ତଟସ୍ଥ
ସେ ଛିଡା ନିର୍ବାକ୍ ନିରୁପାୟ ...

ତହୁଁ କିଛି ବେଳ ଓଦା ହେଲା, ଓଦା କଲା
ତାପରେ, ଉଭୟ ବାଛିନେଲେ ନିଜ ନିଜ
ରାସ୍ତା
ପୁଣି କେବେ ଦେଖାହେବାର
ଅନିଶ୍ଚିତ ପ୍ରତିଶ୍ରୁତି ଦେଇ।

ତାକୁ ନେଇ ତେବେଠୁ ମୋ ଅଭ୍ୟନ୍ତରର
ଆତ୍ମଘୋଷିତ ଜ୍ଞାନୀ ଦୁଇଙ୍କ ଭିତରେ
ଘମାଘୋଟ ଗାଳି
କିଏ ପାରେ ହରିବୋଲ, କିଏ ପକାଏ
ହୁଳହୁଳି।

ନିଜ ଲୋକ ସବୁ ଶତ୍ରୁ ପାଲଟିଲେ
ଜହର ହେଲା ତା' ପ୍ରେମ
ଉଜୁଡା ସୂର୍ଯ୍ୟାସ୍ତର ନିଆଁ ଝୁଲ
ସାଉଁଟିବା ହିଁ ପାଲଟିଛି ତାର ଧର୍ମ।

ଆଗ ଜାଣି ନଥିଲା ସିନା ଚା'ରେ
ପ୍ରଥମେ ପାଣଇ ପଡେ ଅବା ଚିନି
ଟିକିଏ ଧୂଆଁରେ ହେଇ ଯାଉଥିଲା ଝୁଣି ଝାଣି
ଏବେ ଅହରହ ନିଆଁ ଧୂଆଁ ସାଥେ ଯୁଝୁଅଛି
ବିନା ଆହୁଲାରେ ନାଆ ବାହାନ୍ତି କେମିତି
ନିଜେ ନିଜଠାରୁ ଶିଖୁଅଛି।

ଯାର ପ୍ରାୟତଃ ସମୟ କଟୁଥିଲା
ଆଇନା ସହ କଥା ବାର୍ତ୍ତା ହେବାରେ
ଏବେ ସେ ଅସଜଡା ଫୁଲଦାନୀ
ନିଜେ ନିଜ ନଜରେ ହିନିମାନି।

ତାର ରୂପ ରଙ୍ଗ ଦେହ
ଜଗାଏ ଜୀବନ ଜୀଇଁବାର ମୋହ
ହେଲେ ଏବେ ସେ ଗୋଟେ
ଅଭିଶପ୍ତ କଣ୍ଢେଇର ଭଗ୍ନ ଐତିହ୍ୟ
ପରସ୍ତେ ଶୁଖା ଚମ'ର ଅନନ୍ତିମ କୋହ।

ମୁକ୍ତ ବିହଙ୍ଗିନୀ ଥିଲା ଯିଏ
ଏବେ ଗୋଟେ ଅଫୁଟ ଫୁଲର
ମୋହ ଫାଶରେ ବନ୍ଦିନୀ
ଯାଯାବର ମେଘର ଚାତକିନୀ,

ତାର ଖୁସି, ଦୁଃଖ ଠାରୁ ଦୁଃଖଦାୟୀ ବେଶି
ତାର ହସ, ଏକ ତୁଚ୍ଛ ଉପହାସ।

ଜହ୍ନ ଛୁଇଁବାର ସ୍ୱପ୍ନ ଦେଖି
ସମସ୍ତଙ୍କୁ ନଚାଉଥିଲା ଯିଏ ତା' ଇସାରାରେ
ତା'ଅଲୋଡାପଣ ଖୁବ୍ ବିଡମ୍ବିତ ସତରେ
କେବେ ବୋଲାଉଥିବା ଦୟାର ଦେବତୀ ପାଇଁ
ଆଜି ଖୁବ୍ ଦୟା ଆସଇ ମନରେ,

ଲାଗେ ତା'ଦୁଃଖରେ
ସତେ ଅବା ଛିଣ୍ଡିଯିବ କି' ଆକାଶ
ତା' ଲୁହର ଅମୁନଥିବା ସୁଅରେ
ସମିଯିବେ ରମିଯିବେ କି' ସକଳ ନଦୀ ସମୁଦ୍ର?
ଅଭିଳାଷା ଏବେ
ନିଜେହିଁ ଏକ ଅପହଞ୍ଚ ଇଲାକା
ତାର ଭାଷା
ଏକ ଅବୁଝା ପ୍ରହେଳିକା
ତାର ଆଶା ଏକ ମାୟା ମରୀଚିକା!

*କୁଶମେଲ, ଝାରସୁଗୁଡା*
*ଦୂରଭାଷ : ୯୭୭୭୨୮୦୫୯୪*

# 'ମା'ର ମୋବାଇଲ



**ବ୍ରଜ ଶ୍ରୀବାସ୍ତବ**



ଥିଲା ଆଜି ଅପେକ୍ଷା,
କିନ୍ତୁ ଆସିଲାନି ମା'ର ଫୋନ୍

ଚାର୍ଜ କରିପାରିନି ନିଶ୍ଚେ
ସକାଳୁ ତା ପିଲାଙ୍କ ସହ
କଥା ହେଉ ହେଉ, ବୋଧେ
ସରିଯାଇଥିବ ଚାର୍ଜ

ଯାହାହେଉ ମା' ଶିଖିଗଲା
ଫୋନ ଚଲାଇବା
ଚଷମାରୁ ଦେଖି, ଯେବେ ସେ
ଖୋଜେ ତା ଝିଅର ନମ୍ବର
ଅଦ୍‌ଭୁତ ସେ ଦୃଶ୍ୟ
ଯେମିତି ମିଳିଯାଏ ତାକୁ
ଅପାର ଖୁସି

ଯଦି କୁଆଡେ ଯାଏ ବାହାରକୁ
ଭୂଲେନି ରଖିବାକୁ ସେ
ଔଷଧ ବ୍ୟାଗ ସହ ମୋବାଇଲ ଓ ଚାର୍ଜର

ଦୂରରେ ଥିବା ପିଲାଙ୍କ ସହ ଫୋନରେ
କଥା ନ ହୋଇ ପାରିଲେ
ତାଙ୍କର ଦିନଟା ଆରମ୍ଭ ହୁଏନି
ଏମିତି କଥା ହୋଇଗଲେ
ସମସ୍ତଙ୍କୁ ଏକାଠି ଦେଖିବାର ଇଛାଟା
ଟିକେ କମ ହୋଇଯାଏ
ଏଇ ଦିପଦ କଥା ତ
ସତୁରୀ ବର୍ଷରେ ବି
ସଜୀବ କରିଦିଏ
ଖୁସିକୁ ତାଙ୍କର

ସମସ୍ତେ କରନ୍ତି ଅଭିଯୋଗ
ହେଲେ ମା'ର ଏଇ ମୋବାଇଲ
ଜୋଡି ଦେଉଛି ସମ୍ପର୍କ
ଆଉ ମା'କୁ କେହି
କରନ୍ତିନି ଅଭିଯୋଗ।

*ଅନୂସୃଜନ : ପାରମିତା ଷଡଙ୍ଗୀ*
*ଦୂରଭାଷ : ୮୮୫୦୧୯୯୩୪୯*

# ଇଚ୍ଛା ନ ଥିଲେ ବି

**ଶିଶିର କୁମାର ପଣ୍ଡା**



ଗାଆଁରେ ବିକିକି ଜମିବାଡି, କଲି
ଭୁବନେଶ୍ୱରରେ ଘର
ବାପା, ବୋଉ ଆଉ କକା, ଖୁଡୀ ଯେତେ
ମୋ ପାଇଁ ହେଲେ ପର।
ଏବେ ହେଲେ ମତେ ଜର
ଲୋକଟେ ପାଉନି ସାଥେ ନେଇ ମତେ
ଦେଖେଇବ ଡାକତର।
ଏଠି ହେଲେ ସବୁ ଅଚିହ୍ନା ଅଜଣା
ସଭିଏଁ ସଭିଙ୍କ ପାଇଁ
ମୋ ପାଖ ପଡୋଶୀ ଭାରି ଅବିଶ୍ୱାସୀ
ମତେ ବା ଚିହ୍ନିବ କାହିଁ!
ବିପଦରେ ଗଲେ ଧାଇଁ
ଦରଜା ନଖୋଲି କାମବାଲୀ କହେ,
ବାବୁ ଏବେ ଘରେ ନାହିଁ।
ଗାଆଁ ଭଳି ନାହିଁ ସେନେହ ମମତା
ଜାଣେ ମୁଁ ସପନ ସିଏ
ନିଜେ ବଞ୍ଚିଥିଲେ ବାପା ନିଆଁ ଏଠି
ଦେଖିବ କାହାକୁ କିଏ?
ମୁଁ ତ ନାଚାର ଟିଏ
ଇଛା ନଥିଲେ ବି ଦେଖିବାକୁ ହେବ
ସିରିଏଲ୍ ଯାହା ଦିଏ।

*କୁଆଁସ, ମେରଦା କାଟିଆ, ଯାଜପୁର*
*ଦୂରଭାଷ : ୮୯୮୧୭୩୭୨୨୮*

## ବିଭିନ୍ନ କବିତା



# ଦେଶ

**ରକ୍ଷକ ନାୟକ**





ଦେଶ ବୋଲି କିଛି ଅଛି !
ଯେଉଁ ଗାର ଟାଣି, ଆକାର ଆଙ୍କିଛ
ଗାରଦ ପ୍ରାୟ ଭାବ ରେଣୁ ମହାବଂଧ
ସେ ଗାର, କେତେ ସ୍ଥିର
କେବର; କିଏ ସେ ଅମିନ
ତା'ର ଠିକଣା କିଛି ଅଛି !
ଏତ କବାଡ଼ି ପଡ଼ିଆର ଗାର ଭଳି:
ନଖରେ ନା ତୀରରେ ନା ନିଃଶ୍ୱାସରେ
କେମିତି ଟାଣିଛ; ଆମ ପାପୁଲିରେ
ଯେ ରେଖା ରଖିଛି
ସେ ନା ଅନ୍ୟ କେହି
ଏହାକୁ କରିଛି !
ଆମ ଗଣତଂତ୍ରର ଗୁଣସୂତ୍ର କ'ଣ !
କେଉଁ ନକ୍ଷତ୍ର ସ୍ଥିର ଆମ ଆକାଶରେ
ପ୍ରତ୍ୟେକଂକଠୁ ସମଦୂରତ୍ୱରେ
କେଉଁ ତତ୍ତ୍ୱ ଯୋଡୁଛି ଭୂତ ଭବିଷ୍ୟକୁ
କେଉଁ ଧ୍ୱନି ମଂତ୍ର ହୋଇଯାଏ
ଜନ୍ମରୁ ମୋକ୍ଷ ପର୍ଯ୍ୟନ୍ତ
ମହକାଉଥାଏ, ମୁହୂର୍ତ୍ତକୁ କରେ ଅମୂର୍ତ୍ତ
କେଉଁ ଲୋଭରେ ଦେବତା
ଓହ୍ଲାଇ କ'ଣ ସୁଖ ପାଏ
ଏସବୁ ତୁମ ଭାଷାରେ ନାହିଁ
କି ଭାବରେ, ଭୂୟୋଦର୍ଶନରେ ।
ଯେଉଁ ବୋଲରେ ନଚାଉଛ
ଆମ ଛାତିକୁ ପଟା କରି ନେଇଛ
ସ୍ଲୋଗାନ, ମେଳି, ତୁରୀ ଭେରୀ କାହାଳୀ
ରଚିଛ; ପଘା ପକାଇଛ
ତା'ର ଉତ୍ସ, ଇତିହାସ କେଉଁଠି ଅଛି !
ଏଇ କେଇ ଦିନର କଥା
ମଥାରେ ବସା ବାନ୍ଧିଛି
ତାକୁ ଜାତୀୟ ପତାକା, ସଂଗୀତ
କେତେ କେତେ ଚିହ୍ନ, ଛବି, ପ୍ରତୀକ
ଏତେ ଗହଳି ଭିତରେ କିଛି ତ ପାଉନି
ଚିହ୍ନି ପାରୁନି ଦେଶକୁ
ସେଥିପାଇଁ ପଚାରୁଛୁ
ଦେଶ ବୋଲି କିଛି ଅଛି !
ମତେ ମୂର୍ଖ ବୋଲି କହିପାର
କେବେ ଦେଶ ଦ୍ରୋହୀ କହିବନି
ତୁମ ବିଚାର ମତେ ପବନର
ଚକ୍କର ଭଳି, ଅତି ବେଶୀ ହେଲେ
ଲହଡ଼ିର ଫେଣ ବୋଲି ଲାଗିଛି ।
ହଁ; ମୁଁ ଜାଣେ
ଦେଶ ବୋଲି କିଛି ଅଛି ।
ହେଲେ ତୁମ ଦେଶ ମୋ ଦେଶରେ ନାହିଁ
ମୋ ଦେଶ କିନ୍ତୁ ତୁମ ଦେଶରେ ଅଛି
ଆତ୍ମ ଗୋପନ କରିଛି
ଚିହ୍ନାଇ ଦେଇପାରେ ସହଜରେ !
କେବେ ଥରେ ଖୋଲା ହୃଦୟରେ
ମତେ ପଚାର;
ଦେଶ ବୋଲି କିଛି ଅଛି ?

*ରାଜଭବନ, ଭୁବନେଶ୍ୱର-୮*
*ଦୂରଭାଷ : ୯୪୩୭୧୭୧୪୪୦*

# ମମତା

**ପ୍ରଶାନ୍ତ କୁମାର ନାଥ**





ରାଣୀ, ମହାପାତ୍ର ବାବୁଙ୍କ ଝିଅ । ଗୋଟେ ଭାଇ ଆଉ ଗୋଟେ ଭଉଣୀ । ଭାଇଟି ତାଠାରୁ ପାଞ୍ଚ ବର୍ଷ ବଡ । ବହୁତ ବଡଘର । ଟଙ୍କା ପଇସା ଗାଡି ମଟର କେଉଁଠିରେ ଅଭାବ ନାହିଁ। ଚାକର ପୂଜାରୀ ଯାହାକୁ ଯେତେ । ଖାଇବା ପିଇବା କେଉଁଠିରେ ଅସୁବିଧା ନାହିଁ । ପିଲାଟି ବେଳରୁ ତାପାଇଁ ଜଣେ ଆୟା ରଖା ଯାଇଛି । ତାର ସମସ୍ତ ଖାଇବା ପିଇବା ସେ ହିଁ ବୁଝେ । ସିଏ କେବେ ମା'କ୍ଷିର ପିଇନି କି ମା'ର କୋଳରେ ଶୋଇନି । ମା'ସ୍ନେହ କଣ ସିଏ ଜାଣିନି । ପିଲାଟି ବେଳରୁ ସେହି ଆୟାର କୋଳରେ ବଡ ହୋଇଛି । ତାରି ହାତ ଧରି ଚାଲିବା ଶିଖିଛି ।

ରାଣୀ ଯେଉଁ ସ୍କୁଲକୁ ଯାଉଥିଲା ସେହି ସ୍କୁଲ୍‌ରେ ପଢୁଥିଲା ପଦନା। ପଦନା ବାପା ଥିଲେ ବହୁତ ଗରିବ। କିନ୍ତୁ ତାଙ୍କର ସ୍ୱପ୍ନ ଥିଲା ପୁଅକୁ ବଡ ମଣିଷ କରିବେ। ତାଙ୍କ ପରି ତାକୁ ଯେମିତି କାହା ଘରେ ମୂଲ ଲାଗିବାକୁ ନପଡେ। ପଦନା ମଧ୍ୟ ବାପାଙ୍କର ସେହି ସ୍ୱପ୍ନକୁ ପୁରଣ କରିବାକୁ ଚେଷ୍ଟା କରୁଥାଏ । ସ୍କୁଲରେ ସମସ୍ତଙ୍କ ଠାରୁ ଭଲ ପଢେ ସେ । ଖେଳ ଛୁଟିରେ ସମସ୍ତେ ସାଙ୍ଗ ହୋଇ ଖାଉଥିଲା ବେଳେ ପଦନାଟା ଏକା ଏକା ଖାଏ। କାହିଁକିନା ସମସ୍ତେ ପିଜା ଓ ବର୍ଗର ଆଣୀଥିଲା ବେଳେ ପଦନା ବାସି ରୁଟି ନହେଲେ ପଖାଳ ସାଙ୍ଗରେ ଖଣ୍ଡେ ପିଆଜ ଧରି ଆସିଥାଏ।

କିନ୍ତୁ କେହି ଜାଣି ପାରନ୍ତିନି ପଦନା କାହିଁକି ଏମିତି ଅଲଗା ଖାଉଛି ବୋଲି । ଥରେ ସେ ଖାଉଥିଲା ବେଳେ ପଦନା ଯାଇ ତା ପାଖରେ କହଞ୍ଚିଲା। ରାଣୀ ଜାଣି ନଥିଲା ଯେ ପଖାଳ କାହାକୁ କୁହନ୍ତି । ରାଣୀ ତାକୁ ଦେଖି ନାକ ଟେକିଲା ଆଉ ତୁ ଏ କଣ ଖାଉଛୁ ବୋଲି ତାକୁ ପଚାରିଲା। ପଦନା କହିଲା ଆମ ଘରେ କିଛି ନଥିଲାତ ମୋ ବୋଉ ଏହି ଖାଳ ଗଣ୍ଠାକ ଦେଇଥିଲା । ଏତିକି କହିଛି ତା ଆଖିରେ ଲୁହ ଆସିଗଲା । ରାଣୀ କହିଲା ଆରେ ତୁ କାନ୍ଦୁଛୁ କାହିଁକି । ପଦନା ଲୁଚେଇବାକୁ ଯାଇ କହିଲା ଆରେ ନାହିଁ ପିଆଜ ଖାଇଦେଲି ତ,ଆଖିରେ ପାଣି ଆସିଗଲା ।

ସବୁଦିନ ରାଣୀ ଗାଡିରେ ସ୍କୁଲ୍ ଆସିଥାଏ । ପଦନା କିନ୍ତୁ କେତେବେଳେ ବାପାଙ୍କ ସାଇକେଲ୍‌ରେ ଆସିଥାଏ ତ କେତେବେଳେ ବାପାଙ୍କ କାମ ଥିଲେ ନିଜେ ଚାଲି ଚାଲି ଚାଲିଯାଏ । ସେଦିନ ସ୍କୁଲ୍ ଗାଡି ଖରାପ ହୋଇଯାଇଥାଏ । ରାଣୀ କହିଲେ ପଦନା ଚାଲ୍ ମୁଁ ତୋ ସାଙ୍ଗରେ ଆଜି ଚାଲି ଚାଲି ଯିବି । ସବୁବେଳେ ଗାଡିରେ ଯାଇ ଯାଇ ମୋତେ ଆଉ ଭଲ ଲାଗୁନି । କେତେବେଳେ ଟିକେ ବାହାରେ ବୁଲି ପାରୁନି । ପଦନାର ଇଛା ନଥିଲେବି ମନା କରି ପାରିଲାନି ।

ଦୁହେଁ ଯାଇ ପାହଞ୍ଚିଲେ ପଦନାର ଘରେ । ପଦନାର ଭଉଣୀ ଦୌଡି ଆସିଲା ଆଉ ପଦନା ପାଖରୁ ବ୍ୟାଗ୍ ନେଇଗଲା। ତାର ପାଦରୁ ଜୋତା ଖୋଲିଦେଲା । କୂଅରୁ ପାଣି କାଢି ତାର ପାଦ ଧୋଇଦେଲା। ରାଣୀ ପାଖରୁ ମଧ୍ୟ ବ୍ୟାଗ୍ ରଖି ତାର ଗୋଡ ହାତ ଧୋଇଦେଲା। ପଦନା କହିଲା ଜାଣିଛୁ ଦିଦି ତାଙ୍କର ନା ବହୁତ ବଡଘର । କେତେ କାହିଁ ଗାଡି ମଡର। ମୁଁ ତାକୁ ମୋ ସହ ଆସିବାକୁ ମନା କଲି । କିନ୍ତୁ ସେ ଶୁଣିଲାନି ମୋ ସହିତ ଚାଲି ଆସିଲା ।

ଦୁହେଁ ଗୋଡ ହାତ ଧୋଇ ଆସିଲା ବେଳକୁ ବୋଉ ତାର ଆସନ ପକେଇ ରେଡି କରି ସାରିଥିଲା। ରାଣୀ ଆଗରୁ କେବେ ଏମିତି ତଳେ ବସି ଖାଇ ନଥିଲା । ପ୍ରଥମ ଥର ବସି ଖାଇଲା ତାକୁ ବହୁତ ମଜ୍ଜା ଲାଗୁଥାଏ । ବୋଉ ତାର କେତେ ସରଧାରେ ଦୁଇ ଜଣଙ୍କୁ ଖୁଆଇ ଦେଲେ। କେଜାଣି କାହିଁକି ସେଦିନ ରାଣୀକୁ ଏତେ ଶାନ୍ତି ଲାଗିଥିଲା ଯେ ଆଗରୁ ସେ କେବେବି ଏମିତି ଅନୁଭବ କରିନଥିଲା। ଖାଇ ସାରିଲା ବେଳକୁ ପଦନାର ବାପା ଆସି ପହଞ୍ଚି ଯାଇଥିଲେ । ଆଉ ପଦନାକୁ କୁଣ୍ଢେଇ ପକେଇ ଟିକେ ଗେହ୍ଲା କରିଦେଲେ । ଏ ସବୁ ରାଣୀ ଦେଖୁଥାଏ ଆଉ ଭାବୁଥାଏ ସତରେ ପଦନା କେତେ ଭାଗ୍ୟବାନ। ସମସ୍ତଙ୍କ ସ୍ନେହ ମମତାରେ ଗଢା ତାର ଜୀବନ। ଟଙ୍କା ପଇସା ଦେଇ ସିନା ସବୁ କିଛି କିଣା ଯାଇ ପାରେ ହେଲେ ସ୍ନେହ ମମତା କିଣା ଯାଇ ପାରେନା ।

*ସୁନ୍ଦରପୁର,ଉତ୍ତରକୂଳହାଟ,ପ୍ରୀତିପୁର,ଯାଜପୁର*
*ଦୂରଭାଷ : ୦୮୮୯୨୩୦୧୧୪୩*

# ସ୍ୱପ୍ନ

**ଡ. ମନୋରଞ୍ଜନ ବିଷୋୟୀ**





ସ୍ୱପ୍ନର ନୌକା
ଭାସି ଯାଉଥାଏ
ସମୟ ସୁଅରେ
ବେଳେବେଳେ
ସୁନେଲୀ ସ୍ୱପ୍ନର ନୌକା
କୂଳ ଛୁଇଁବା ଆଗରୁ
ହଜିଯାଏ ସ୍ମୃତିରେ ସାଗରେ।
ସ୍ୱପ୍ନକୁ ହଜାଇ
ମିଳେକି ତୃପ୍ତି
ଆଉ କାହା ସାନିଧରେ।
ତେଣୁ ତ ସ୍ୱପ୍ନକୁ
ଖୋଜିବାରେ ଲାଗିଥାଏ
ସ୍ମୃତିର ସାଗର ତୀରେ।
ନ ପାଇ ଫେରିବିନି
ଆସୁ ଯେତେ ଦୁଃଖ
ସ୍ୱପ୍ନକୁ ଖୋଜି
ପାଇବା ବାଟରେ।
ଫେରିଲେ ବା
ଫେରିବି ମୁଁ
କେଉଁଠି କି
ଠିକଣା ତ
ହଜାଇ ଦେଇଛି
ସ୍ୱପ୍ନ ସାଥିରେ।
ଏବେ ତେର ନଈ
ସାତ ସମୁଦ୍ରକୁ
କରିଛି ଏକାକାର
ସ୍ୱପ୍ନକୁ ଖୋଜି
ପାଇବା ଆଶାରେ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ଦୂରଭାଷ : ୮୮୯୫୧୪୧୭୨୭*









**ଆରୁଷି କାବ୍ରା**
ଷ୍ଟାଣ୍ଡାର୍ଡ-୧୦
ରାୟନ ଇଣ୍ଟରନ୍ୟାସନାଲ ସ୍କୁଲ
ଠାକୁର ଭିଲେଜ, ମୁମ୍ବାଇ

**ଅନୁଭବ ପାଣିଗ୍ରାହୀ**
ଷ୍ଟାଣ୍ଡାର୍ଡ-୨
ସାଇ ଆଙ୍ଗନ ସ୍କୁଲ
ଭୁବନେଶ୍ୱର





# କରୋନା ମୁକାବିଲା ପାଇଁ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଆଡ୍‌ଭାଇଜରୀ ଜାରି

**ଭୁବନେଶ୍ୱର :** କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କେତେକ କାର୍ଯ୍ୟକ୍ରମ ଉପରେ ଅଙ୍କୁଶ ଲଗାଯାଇଛି। ସେହିପରି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆଡ୍‌ଭାଇଜରୀ ଜାରି କରାଯାଇଛି। ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ସହ ଟୁର୍ ଅପରେଟର୍ ଏବଂ ଗାଇଡ୍‌ମାନଙ୍କୁ ଏହି ଗାଇଡ୍‌ଲାଇନକୁ ଅନୁକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସମ୍ପର୍କରେ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ସଚିନ ଆର୍. ଯାଦବ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନକୁ ଚିଠି ଲେଖି ଅବଗତ କରାଇଛନ୍ତି। ଏଥବସହିତ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା, ଇଣ୍ଡିଆନ୍ ଆସୋସିଏସନ ଅଫ୍ ଟୁର୍ ଅପରେଟର୍ସ (ଆଇଏଟିଓ), ଟ୍ରାଭେଲ ଏଜେଣ୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଟିଏଏଓ), ଓଡ଼ିଶା ଟୁର୍ ଅପରେଟର୍ସ ଆସୋସିଏସନ୍ (ଓଟିଓଏ), ହୋଟେଲ୍ ଆସୋସିଏସନ୍ ଅଫ୍ ପୁରୀ(ଏଚ୍‌ଏପି), ଓଡ଼ିଶା ଟୁରିଷ୍ଟ ଗାଇଡ୍ ଆସୋସିଏସନ୍ (ଓଟିଜିଏ) ପ୍ରମୁଖଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଏହାସହିତ ଓଟିଡିସି, ଇକୋ ଟୁରିଜିମ୍ କର୍ତ୍ତୃପକ୍ଷ ଏବଂ ସମସ୍ତ ମ୍ୟୁନିସିପାଲ କର୍ପୋରେସନ୍‌କୁ ମଧ୍ୟ ନିର୍ଦ୍ଦେଶକ ଗାଇଡ୍‌ଲାଇନ୍ ଅନୁକରଣ କରିବାକୁ କହିଛନ୍ତି। ଅଧିକାଂଶ ପର୍ଯ୍ୟଟନସ୍ଥଳୀରେ ବିଦେଶୀ ପର୍ଯ୍ୟଟକଙ୍କୁ ହୋଟେଲକୁ ପ୍ରବେଶ କରାଯାଉନଥିବା ବିଭାଗର ଦୃଷ୍ଟିଗୋଚର ହୋଇଥିବା ନିର୍ଦ୍ଦେଶକ କହିଛନ୍ତି। କରୋନା ସଂସ୍ପର୍ଶରେ ଆସି ନଥିବା ପର୍ଯ୍ୟଟକଙ୍କୁ ମଧ୍ୟ କେତେକ ହୋଟେଲ ରହିବାକୁ ଦିଆଯାଉନାହିଁ। ଏଥିପାଇଁ ବହୁ ପର୍ଯ୍ୟଟକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପର୍ଯ୍ୟଟକମାନଙ୍କୁ ହୋଟେଲରେ ରହିବା ପାଇଁ ମନା ନ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିବା ବେଳେ ଆବଶ୍ୟକସ୍ଥଳେ ପର୍ଯ୍ୟଟକଙ୍କ ସ୍କ୍ରିନିଂ ତଥା ମେଡିକାଲ ଟେଷ୍ଟିଂ କରିବାକୁ ଜଣାଇଛନ୍ତି। ଏହାସହିତ ପର୍ଯ୍ୟଟକଙ୍କ ୩ ସପ୍ତାହର ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚେକ୍ ଇନ୍ ସମୟରେ ପରିଚୟପତ୍ର ସହ ବିଗତ ୩ ସପ୍ତାହର ଯାତ୍ରା ସମ୍ବନ୍ଧୀୟ ତଥ୍ୟ ତଥା ସେ କେଉଁ ଦେଶରୁ ଆସିଛନ୍ତି, କେଉଁଥିରେ ଆସିଛନ୍ତି ଆଦି ତଥ୍ୟ ରଖିବାପାଇଁ ହୋଟେଲ ତଥା ହସ୍ପିଟାଲିଟି ସଂସ୍ଥା କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ପର୍ଯ୍ୟଟକଙ୍କୁ ନିୟମିତ ହାତ ଧୋଇବା, ଅନ୍ୟଥାରେ ଆଖି, ପାଟି ଓ ନାକକୁ ନ ଛୁଇଁବା ଏବଂ ଜନଗହଳିପୂର୍ଣ୍ଣ ସ୍ଥାନଠାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଥଣ୍ଡା, ଜର କିମ୍ବା ନିଃଶ୍ୱାସ ନେବାରେ ଅସୁବିଧା ହେଲେ ହୋଟେଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବଗତ କରିବାକୁ କୁହାଯାଇଛି। ହୋଟେଲର ସାଧାରଣ ତଥା ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ଦିନକୁ ଦୁଇଥର ହାଇପୋକ୍ଲୋରାଇଟ୍ ସଲ୍ୟୁସନ୍ ପୋଛିବା, ପ୍ରତ୍ୟେକ ରୁମ୍ ଏବଂ ଅନ୍ୟାନ୍ୟ ସାଧାରଣ ସ୍ଥାନରେ ପାଣି ସହ ସାବୁନ୍ ରଖିବା, ରିସେପସନ୍, କନ୍‌ଫରେନ୍ସ ହଲ୍ ଏବଂ ଲବିରେ ହ୍ୟାଣ୍ଡ ସାନିଟାଇଜର, ଟିସ୍ୟୁ ପେପର ଏବଂ ପାଦରେ ପରିଚାଳିତ ଡଷ୍ଟବିନ୍ ରଖିବା, ପରିବହନ ସେବା ସହ ଜଡ଼ିତ କର୍ମଚାରୀ ଏବଂ ଡ୍ରାଇଭରମାନଙ୍କୁ ସେଫ୍‌ଟି ମାସ୍କ ଦେବା, ଗାଡ଼ିକୁ ଭଲଭାବେ ସଫା କରିବା, କିଚେନ୍ ଏବଂ ରୁମ୍ ସର୍ଭିସ୍ ସହ ଜଡ଼ିତ କର୍ମଚାରୀଙ୍କୁ କରୋନାର ମୁକାବିଲା ସମ୍ପର୍କରେ ଅବଗତ କରାଇବାକୁ କୁହାଯାଇଛି।

# ଏସ୍‌ସିବି କର୍ତ୍ତୃପକ୍ଷ ମାଗିଲେ ଷ୍ଟାଫ୍ ଓ ଔଷଧ

**କଟକ :** ସମଗ୍ର ବିଶ୍ୱରେ କରୋନାକୁ ନେଇ ଏବେ ଆତଙ୍କ। ଏହି ପରିପ୍ରେକ୍ଷୀରେ ଭାରତରେ ଦୁଇଜଣ କରୋନା ଆକ୍ରାନ୍ତ ରୋଗୀଙ୍କ ମୃତ୍ୟୁ ହୋଇଥିବାବେଳେ ଓଡ଼ିଶାରେ ଏଯାବତ କରୋନା ପଜିଟିଭ ରିପୋର୍ଟ ଆସିନାହିଁ। ତଥାପି ଏହାର ମୁକାବିଲା କରିବା ପାଇଁ କଟକ ବଡ଼ମେଡ଼ିକାଲ କର୍ତ୍ତୃପକ୍ଷ ଅଧିକ ତତ୍ପର ହୋଇ ଉଠିଛନ୍ତି। ଏଥିପାଇଁ ଏସ୍‌ସିବିରେ ପର୍ଯ୍ୟାପ୍ତ ପରିମାଣର ଔଷଧ ମାସ୍କ ଏବଂ ମେଡିକାଲ କର୍ମଚାରୀ ଅଭାବ ଥିବା ଦର୍ଶାଇ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରଙ୍କୁ ଚିଠି ଲେଖିଛନ୍ତି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡିଏମ୍‌ଇଟିଙ୍କୁ ଲେଖିଥିବା ଏହି ଚିଠିରେ ଏକ ହଜାର ଏନ୍ ୯୫ ମାସ୍କ, ୧ ହଜାର ପିପି କିଟ୍ ଏବଂ ଆବଶ୍ୟକ ଔଷଧ ତୁରନ୍ତ କଟକ ବଡମେଡ଼ିକାଲକୁ ପଠାଇବା ପାଇଁ ଉଲ୍ଲେଖ ରହିଛି। ଏଥିସହ ଆବଶ୍ୟକ ଷ୍ଟାଫ୍ ନର୍ସ ଓ ପାରାମେଡିକାଲ ଷ୍ଟାଫ୍‌ର ଅଭାବ ଥିବା ଚିଠିରେ ଦର୍ଶାଯାଇଛି। କରୋନା ୱାର୍ଡକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଛନ୍ତି। ତେବେ ପର୍ଯ୍ୟାପ୍ତ ପରିମାଣର ମାସ୍କ ଓ ପିପି କିଟ୍ ନଥାଇ କିଭଳି ଚିକିତ୍ସା ଚାଲିଛି ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସୁସ୍ଥ ଲୋକେ ମାସ୍କ ବ୍ୟବହାର କରିବା ଜରୁରୀ ନୁହେଁ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ଯୁକ୍ତି ବାଢୁଥିବାବେଳେ ସଂକ୍ରମଣ ହୋଇଥିବା ରୋଗୀ ଯଦି ବିନା ମାସ୍କରେ ମେଡ଼ିକାଲ ଆସନ୍ତି ତାହେଲେ ଅନ୍ୟରୋଗୀ ବିନା ମାସ୍କରେ କିପରି ସୁରକ୍ଷିତ ରହିପାରିବେ ତାହା ମୁଖ୍ୟ ପ୍ରଶ୍ନ ହୋଇ ଉଠିଛି। କଟକ ବଡ଼ମେଡିକାଲକୁ ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ସେହିଭଳି ବାହାର ରାଜ୍ୟର ରୋଗୀ ଉନ୍ନତମାନର ଚିକିତ୍ସା ପାଇବା ନିମନ୍ତେ ଏଠାକୁ ଧାଇଁ ଆସିଥାନ୍ତି। ତେବେ କରୋନାର ଭୟାବହତା ଦୃଷ୍ଟିରୁ ମେଡିକାଲରେ ଜନସଚେତନତା ସୃଷ୍ଟି ହୋଇନାହିଁ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଧ୍ୟ ସଚେତନତା ସୃଷ୍ଟି ନିମନ୍ତେ ସେପରି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏସ୍‌ସିବିରେ କରୋନା ପାଇଁ ଯେଉଁଠାରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି, ସେହି ବିଲ୍ଡିଂର ତଳେ ରହିଥିବା ଆଉଟ୍‌ଡୋରରେ ବହୁ ରୋଗୀ ଆତଜାତ ହେଉଥିଲେ ମଧ୍ୟ ସେମାନେ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ମୁହଁରେ ମାସ୍କ ନଥିବା ଦେଖିବାକୁ ମିଳିଛି। ଖୁବ ହାତଗଣତି ରୋଗୀ ଓ ତାଙ୍କ ସମ୍ପର୍କୀୟ ଆଉଟଡୋରରେ ମାସ୍କ ବ୍ୟବହାର କରୁଛନ୍ତି। କରୋନା ସନ୍ଦିଗ୍ଧ ରୋଗୀ ସେହିବାଟ ଦେଇ ୱାର୍ଡକୁ ଯାଉଥିବାରୁ ସଂକ୍ରମଣର ଆଶଙ୍କା ରହିଛି। ତେବେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ ହୋର୍ଡ଼ିଂ କିମ୍ବା ପୋଷ୍ଟର ଲଗାଯାଉ ନଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ସଚେତନ ହୋଇ ପାରୁନାହାନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଦୃଶ୍ୟ ଆତଙ୍କ ...

ସରକାର ସ୍ପଷ୍ଟ କରିଛନ୍ତି। ଏହାବ୍ୟତୀତ ସମସ୍ତ ଶିକ୍ଷାନୁଷ୍ଠାନକୁ ଆଗାମୀ ୩୧ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ତେଣୁ ସ୍କୁଲ, କଲେଜ ସହ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ। ତେବେ ନିର୍ଦ୍ଧାରିତ ସମୟରେ କେବଳ ପରୀକ୍ଷା ଅନୁଷ୍ଠିତ ହେବ। ଜନଗହଳିପୂର୍ଣ୍ଣ ସ୍ଥାନରେ କରୋନା ଭାଇରସ ସହଜରେ ଅନ୍ୟକୁ ସଂକ୍ରମିତ ହେଉଥିବାରୁ ସଭାସମିତି, ବିବାହ ଓ ବ୍ରତଘର ଉତ୍ସବ ଏବଂ ଧାର୍ମିକ କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଯାଇବାକୁ ଭାରପ୍ରାପ୍ତ ଅଧିକାରୀମାନଙ୍କୁ କ୍ଷମତା ଦିଆଯାଇଛି। ସିନେମା ହଲ୍, ସୁଇମିଂ ପୁଲ ଓ ଜିମ୍ ଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ସରକାରୀ କାର୍ଯ୍ୟାଳୟରେ ବାୟୋମେଟ୍ରିକ ବ୍ୟବସ୍ଥାରେ ଉପସ୍ଥାନ ଦେବା ଉପରେ ମଧ୍ୟ ସରକାର କଟକଣା ଜାରି କରିଛନ୍ତି। ରାଜ୍ୟର କିଛି ମନ୍ତ୍ରୀଙ୍କୁ ନେଇ ଏକ କ୍ଷମତାପନ୍ନ ଗ୍ରୁପ୍ ଗଠନ କରାଯାଇଛି। ଏହି ଏହି ଗ୍ରୁପ୍ ରାଜ୍ୟର କରୋନା ସ୍ଥିତି ଉପରେ ନଜର ରଖିବ। ସେହିପରି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସଚିବସ୍ତରୀୟ କମିଟି ଗଠନ କରାଯିବ। କୌଣସି ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ଏହି କମିଟି ତୁରନ୍ତ ନିଷ୍ପତ୍ତି ନେବ। କମିଟିର ସଦସ୍ୟମାନେ କରୋନାର ସ୍ଥିତି ନିରୀକ୍ଷଣ କରିବା ସହ ତତ୍‌କ୍ଷଣାତ୍ ପଦକ୍ଷେପ ନେବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନାକୁ ବିଶ୍ୱ ମହାମାରୀ ଭାବେ ଘୋଷଣା କରିସାରିଛି। ଇଂଲଣ୍ଡର ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି କାନାଡାର ରାଷ୍ଟ୍ରମୁଖ୍ୟଙ୍କ ପରିବାର, ଯୁକ୍ତରାଷ୍ଟ ଆମେରିକାର କିଛି ସିନେଟର, ଇରାନର କିଛି କ୍ୟାବିନେଟ୍ ମନ୍ତ୍ରୀ, ଏମିତିକି କିଛି ନାମିଦାମୀ ଅନ୍ତର୍ଜାତୀୟ ଖାତିସମ୍ପନ୍ନ ତାରକା, କ୍ରୀଡ଼ାବିତ୍ ମଧ୍ୟ କରୋନାରେ ସଂକ୍ରମିତ ହୋଇଛନ୍ତି। ଧନୀ କିମ୍ବା ଗରିବ କାହାକୁ କରୋନା ଛୁଡ଼ି ନାହିଁ। ଏଭଳି ଏକ ମହାମାରୀରୁ ବିଶ୍ୱ ଅନେକ ଶିକ୍ଷା ଲାଭ କରିଛି। ତେଣୁ ରାଜ୍ୟବାସୀ ଏଭଳି ଏକ ସଙ୍କଟମୟ ସମୟରେ ଏକାଠି ହେବାକୁ ପଡ଼ିବ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତେ ଚଳିବାକୁ ହେବ। ସମାଜରେ ସବୁ ନାଗରୀକଙ୍କର ଦାୟିତ୍ୱ ରହିଛି। କରୋନା ଭୂତାଣୁ ନବ୍ୟାପିବା ପାଇଁ ଆମକୁ ସଭାସମିତି, ସାମାଜିକ ଉତ୍ସବ ଓ ଏକତ୍ର ହୋଇ ପାଳନ କରାଯାଉଥିବା କାର୍ଯ୍ୟକ୍ରମ ନକରିବାକୁ ହେବ। ସରକାରୀ ସ୍ତରରେ କୌଣସି ଆଲୋଚନାଚକ୍ର, କର୍ମଶାଳା, ସମ୍ମିଳନୀ କରାଯିବ ନାହିଁ। ସମସ୍ତଙ୍କୁ ଭଲଭାବେ ହାତ ଧୋଇବା ସହିତ ପରିବେଶକୁ ପରିଷ୍କାର ରଖିବାକୁ ହେବ। ବିଧାୟକମାନେ ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ସେମାନେ ନିଜ ନିଜର ଯତ୍ନ ନେବା ସହିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ସମାଜର ସବୁ ବର୍ଗର ଲୋକଙ୍କର ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଅଛି। ଅପପ୍ରଚାର ଓ ଗୁଜବରେ କେହି ବିଶ୍ୱାସ କରନ୍ତୁ ନାହିଁ କିମ୍ବା ବିବ୍ରତ ହୁଅନ୍ତୁ ନାହିଁ। ଏଣେତେଣେ ପାନଛେପ ପକାଇବା ଦ୍ୱାରା ପରିବେଶ ଅପରିଷ୍କାର ହେଉଛି। ତେଣୁ ପାନଛେପ ବାହାରେ ନପାଇବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଆମେ ସମସ୍ତେ ମିଳିତ ଭାବେ ଯତ୍ନବାନ ହେଲେ କରୋନା ରାଜ୍ୟର କୌଣସି କ୍ଷତି କରିବାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କରୋନା ପାଇଁ ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର। ଶାସକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଧାନସଭାରେ ଆଗତ କରିଥିବା ଏକ ପ୍ରସ୍ତାବକୁ କଂଗ୍ରେସର ସଦସ୍ୟମାନେ ସମର୍ଥନ କରିଥିବା ବେଳେ ବିଜେପିର ସଦସ୍ୟମାନେ ବିରୋଧ କରିଥିଲେ। ତେବେ ଧ୍ୱନି ମତରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବଜେଟ ଅଧିବେଶନ ଆସନ୍ତା ଏପ୍ରିଲ ୯ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଛି।

### ସାର୍କ ରାଷ୍ଟ୍ର ...

ମୋଦୀ ପୁନର୍ବାର କହିଛନ୍ତି, 'ଆମ ପୃଥିବୀ ଏବେ କୋଭିଡ-୧୯ ନଭେଲ କରୋନା ଭାଇରସ୍ ସହ ଲଢୁଛି। ଉଭୟ ସରକାର ଓ ଜନତା ମିଳିମିଶି ଏହାକୁ ମୁକାବିଲା କରୁଛନ୍ତି। ବିଶ୍ୱନେତାମାନେ ଦକ୍ଷିଣ ଏସିଆର ସ୍ୱାସ୍ଥ୍ୟ ପରିବେଶ ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା ଉଚିତ। ଅନ୍ତତଃପକ୍ଷେ ଲୋକମାନଙ୍କ ହିତ ଦୃଷ୍ଟିରୁ ଦକ୍ଷିଣ ଏସିଆର ରାଷ୍ଟ୍ରଗୁଡ଼ିକ ମିଳିମିଶି ଏ ଦିଗରେ କାମ କରିବା ଦରକାର। ଆମେମାନେ ବିଚାର କରିବା ଉଚିତ ଯେ ପୃଥିବୀକୁ ସୁସ୍ଥ ରଖିବା ଆମ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ। ଉଲ୍ଲେଖଯୋଗ୍ୟ, ସାର୍କ (ସାଉଥ୍ ଏସିଆନ୍ ଆସୋସିଏସନ୍ ଫର୍ ରିଜିଓନାଲ୍ କୋଅପରେସନ୍) ଏକ ଆଞ୍ଚଳିକ ଭିତ୍ତିରେ ଗଠିତ ଆନ୍ତର୍ଜାତିକ ସଂଗଠନ ଯେଉଁଥିରେ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ଭାରତ, ଦି ମାଳଦ୍ୱୀପ, ନେପାଳ, ପାକିସ୍ତାନ ଓ ଶ୍ରୀଲଙ୍କା ସଭ୍ୟ ରୂପେ ବିଦ୍ୟମାନ।

### ରାତି ୯ ପରେ ...

ଜଣାଶୁଣା ନୀଳାଦ୍ରି ବିହାର, ଲୁମ୍ବିନି ବିହାର, ବୁଦ୍ଧ ପାର୍କ, ଜିଏ କଲୋନୀ, ଡିଫେନ୍ସ କଲୋନୀ, ଉତ୍କଳ ହସ୍ପିଟାଲ ଓ ବସ୍ତି ସମୂହକୁ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଯେଉଁଥିପାଇଁ ସ୍ଥାନୀୟ ଲୋକମାନେ ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଆସିବା ପାଇଁ ଅଟୋ ଚାଳକଙ୍କ ଦୌରାତ୍ମ୍ୟର ଶିକାର ହେବା ସହିତ ଆର୍ଥିକ କ୍ଷତି ମଧ୍ୟ ସହୁଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ପ୍ରଶାସନକୁ ଜଣାଉଥିଲେ ମଧ୍ୟ ପ୍ରଶାସନିକ ଉଦାସିନତା ଯୋଗୁ ଏ ଅଞ୍ଚଳବାସୀ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୁଏ। ଅନ୍ୟଏକ ସମସ୍ୟା ହେଲା 'ମୋ ବସ୍' ଷ୍ଟପେଜ୍‌ରେ ଘରୋଇ ବସ୍‌ମାନେ ଯାତ୍ରୀ ଉଠାଉଥିଲା ବେଳେ ଏଥିପ୍ରତି ପ୍ରଶାସନର ନିଘା ନାହିଁ। ଯେଉଁଥିପାଇଁ 'ମୋ ବସ୍'କୁ ଅପେକ୍ଷା କରୁଥିବା ଯାତ୍ରୀମାନଙ୍କୁ ଘରୋଇ ବସ୍ କର୍ମଚାରୀମାନେ ନିଜ ବସ୍‌କୁ ଡାକି ନେଉଛନ୍ତି। ନିର୍ଦ୍ଧାରିତ ସମୟରେ 'ମୋ ବସ୍' ଆସୁଥିଲେ ଏଭଳି ସମସ୍ୟା ଉପୁଜନ୍ତା ନାହିଁ ବୋଲି ମଧ୍ୟ ଅଭିଯୋଗ ହେଉଛି।

ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ, ଅଧିକାଂଶ 'ମୋ ବସ୍' ରାତି ୯ଟା ପରେ ଗାଡକଣ ଡିପୋକୁ ଯାଉଥିବା ସମୟରେ ଯାତ୍ରୀମାନଙ୍କୁ ବସ୍‌ରେ ଉଠାଉ ନାହାନ୍ତି। ଖାଲି ବସ୍ ନେଇ ଯାଉଥିଲେ ମଧ୍ୟ ଏଥିପାଇଁ କେତେ କ୍ଷତି ଘଟୁଛି ଓ ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସେ କଥାକୁ ବୋଧେ ହୃଦୟଙ୍ଗମ କରୁନାହାନ୍ତି 'ମୋ ବସ୍' କର୍ତ୍ତୃପକ୍ଷ। ଉଦାହରଣ ସ୍ୱରୂପ ରାତି ୯ଟା ପରେ ଏଜି ଛକରୁ ଜଣେ ଯାତ୍ରୀ ନାଲ୍‌କୋ ଛକ ଯିବାକୁ ଚାହିଁଲେ ବି ଯାଇପାରୁ ନାହାନ୍ତି। ଏହାର କାରଣ ଗାଡକଣ ଡିପୋକୁ ଫେରୁଥିବା ବସ୍ ଗୁଡିକ ନାଲ୍‌କୋ ଛକର ୧ କିଲୋମିଟର ପୂର୍ବରୁ ବଙ୍କେଇ ଡିପୋକୁ ଯାଉଛନ୍ତି। ଯଦି ଏହି ବସ୍ ଗୁଡିକ ନାଲ୍‌କୋ ଛକ ପର୍ଯ୍ୟନ୍ତ ଯାଇପାରନ୍ତା କଟକ ହେଉ କି ପଟିଆ ସେ ଦିଗକୁ ଯିବାକୁ ଚାହୁଁଥିବା ଯାତ୍ରୀମାନେ ଅକ୍ଳେଶରେ ଯାଇପାରନ୍ତେ। କାରଣ ଜୟଦେବ ବିହାର ପଟୁ ପଟିଆ ଆଡକୁ ଯିବା ପାଇଁ ୧୦ନମ୍ବର ଓ ୧୮ ନମ୍ବର ବସ୍ ରହିଥିଲା ବେଳେ ଆଚାର୍ଯ୍ୟ ବିହାର ପଟୁ ସେ ଦିଗକୁ ଯିବା ପାଇଁ ରାତିରେ ଆଉ ବସ୍ ନାହିଁ। ତେଣୁ 'ମୋ ବସ୍' କର୍ତ୍ତୃପକ୍ଷ ଏ ସମ୍ପର୍କରେ ବିଚାର କରିବା କଥା। କାରଣ ଖାଲି ବସ୍ ନେଇ ଡିପୋକୁ ଯିବା ଦ୍ୱାରା ପ୍ରତିଷ୍ଠାନର ଅନେକ କ୍ଷତି ହେଉଥିଲା ବେଳେ ମାତ୍ର ଗୋଟିଏ କିଲୋମିଟର ଆଗକୁ ଯାଇ ଯଦି ବସ୍ ଡିପୋକୁ ଫେରିପାରନ୍ତା ତେବେ ଯାତ୍ରୀମାନେ ଲାଭାବନ୍ ହେବା ସହିତ 'ମୋ ବସ୍' କର୍ତ୍ତୃପକ୍ଷ ମଧ୍ୟ ଲାଭବାନ୍ ହୋଇପାରନ୍ତେ। ଭୁବନେଶ୍ୱର ଭଳି ସହରରେ ରାତି ୧୧ ପର୍ଯ୍ୟନ୍ତ ଯାତ୍ରୀମାନେ ଗମନାଗମନ ପାଇଁ ଅପେକ୍ଷା କରିଥିଲା ବେଳେ ଏଥିପାଇଁ 'ମୋ ବସ୍' କର୍ତ୍ତୃପକ୍ଷ ଧ୍ୟାନ ଦେବା ଉଚିତ୍। ନଚେତ୍ ଗାଡି ଗଡିବ ହେଲେ ଯାତ୍ରୀଙ୍କ ଯନ୍ତ୍ରଣା କମିପାରିବ ନାହିଁ।

### ୫-ଟି' ...

ଅଭିଯୋଗ ଆସୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନଙ୍କ ମୋ ସରକାର ଓ ୫-ଟି କାର୍ଯ୍ୟକ୍ରମ ଏଦିଗରେ ଧୃତରାଷ୍ଟ୍ର ସାଜି ଅଖିରେ ଅନ୍ଧପୁଟଳା ବାନ୍ଧି ନୀରବଦ୍ରଷ୍ଟା ସାଜିଛି । ଫଳରେ ପିଆରଏମ ମେଡ଼ିକାଲରେ ଡ଼ାକ୍ତରମାନଙ୍କ ମଧ୍ୟରୁ ଅଧିକାଂଶ ଘରୋଇ ଚିକିତ୍ସା ଉପରେ ପ୍ରାଧାନ୍ୟ ଦେଉଥିବା ବେଳେ ମେଡ଼ିକାଲ କଲେଜରେ ରୋଗୀସେବାକୁ ଅଣଦେଖା ପ୍ରଦର୍ଶକ କରୁଥିବାରୁ ବିଭିନ୍ନ ସମୟରେ ଚିକିତ୍ସାରେ ଅବହେଳା କାରଣରୁ ରୋଗୀ ମୃତ୍ୟୁ ଭଳି ସଙ୍ଗୀନ ଅଭିଯୋଗ ହୋଇ ଆସୁଛି । ଠିକ୍ ଏହି ସମୟରେ ମାର୍ଚ୍ଚ ୧୦ରେ ଚିକିତ୍ସାରେ ଅବହେଳା କାରଣରୁ ବାରିପଦା ସହରର ପୁରୁଣା ହାଟସାହି ଅଞ୍ଚଳର ମମତା ବିଶ୍ୱାଳ ନାମକ ଏକ ମହିଳା ରୋଗୀର ମୃତ୍ୟୁ ଅଭିଯୋଗର ପୁନଃଆବୃତ୍ତି ଘଟିଛି ଏବଂ ଏହାକୁ ନେଇ ହସପିଟାଲ ପରିସରରେ ତୀବ୍ର ଉତ୍ତେଜନା ସହ ମୃତକଙ୍କ ପରିବାରର ସଦସ୍ୟ , ସମ୍ପର୍କୀୟମାନଙ୍କ ପକ୍ଷରୁ ହସପିଟାଲ ପରିସରରେ ଭଙ୍ଗାରୁଜା ହୋଇଥିବାର କୁହାଯାଇଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବାରିପଦା ପୁରୁଣା ହାଟସାହି ବାସୀନ୍ଦା ମମତା ବିଶ୍ୱାଳ ଜ୍ୱରେ ପୀଡ଼ିତ ହୋଇଥିଲେ । ପରିବାରର ସଦସ୍ୟ ତାଙ୍କୁ ପିଆରଏମ ମେଡ଼ିକାଲରେ ମାର୍ଚ୍ଚ ୫ ପୂର୍ବାହ୍ନ ପ୍ରାୟ ୧୦ ରେ ଭର୍ତ୍ତି କରାଇଥିଲେ । ହସପିଟାଲରେ ମହିଳା ମେଡ଼ିସିନ ୱାର୍ଡ଼ରେ ବେଡ଼ ନ ଥିବାରୁ ବାରଣ୍ଡାରେ ରହିଥିଲେ । ମାତ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ନିମନ୍ତେ କୌଣସି ଡ଼ାକ୍ତର ନ ଆସିବାରୁ ପରିବାରର ସଦସ୍ୟମାନେ ଆଉଟଡୋରରେ ଥିବା ଡ଼ାକ୍ତର ଓ ଡିଉଟି ରୁମରେ ବସିଥିବା ନର୍ସ ଆଦିଙ୍କୁ ବାରମ୍ବାର ବିନମ୍ର ଅନୁରୋଧ କରିଥିଲେ । ବହୁ ବିଳମ୍ବରେ ଯଦିଓ ଜଣେ ଡ଼ାକ୍ତର ଆସିଲେ ଧର୍ମକୁ ଆଖିଠାର ମାରି ଅନେଇ ଦେଇ ଚାଲିଗଲେ । ସେହିପରି ପ୍ରତ୍ୟେକ ଦିନ ୱାର୍ଡ଼କୁ ରାଉଣ୍ଡରେ ଆସୁଥିବା ଡ଼ାକ୍ତରମାନେ ବାରଣ୍ଡାରେ ରହିଥିବା ରୋଗୀ ମମତାଙ୍କ ପ୍ରତି ଆଡ଼ ଆଖିରେ ନଜର ନ ପକାଇ ସେହି ରାସ୍ତାରେ ଯାଇଥାନ୍ତି । ପୁଣି ପରିବାରର ସଦସ୍ୟମାନେ ପାଟିତୁଣ୍ଡ କଲେ ତାହା ଆମର ଡିଉଟି ପରିସରରେ ଆସୁ ନାହିଁ, ଏଥି ନିମନ୍ତେ ଅନ୍ୟ ଡ଼ାକ୍ତର ରହିଛନ୍ତି ବୋଲି ଉତ୍ତର ମିଳିଥାଏ । ଏହିପରି ପ୍ରତ୍ୟେକ ଦିନ ଚାଲିଥିବା ବେଳେ ମାର୍ଚ୍ଚ ୧୦ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ ସମୟରେ ମ୍ୟାଲେରିଆ ଜ୍ୱରରେ ପିଡ଼ିତ ରହିଥିବା ମମତାର ସ୍ୱାସ୍ଥ୍ୟ ଅବସ୍ଥା ଉଦବେଗଜନକ ହୋଇପଡ଼ିବାରୁ ପରିବାରର ସଦସ୍ୟମାନେ ଡିଉଟି ରୁମରେ ଥିବା ଡ଼ାକ୍ତର ଓ ନର୍ସମାନଙ୍କୁ ଏବିଷୟରେ ସୂଚନା ଦେଇଥିଲେ ମଧ୍ୟ କହି ଜଣେ ରୋଗୀର ଅବସ୍ଥା ଦେଖିବାକୁ ଉଚିତ ମନେ କରିନଥିଲେ । ବାରମ୍ବାର ସେମାନଙ୍କ ନିକଟରେ କାକୁତି ମୀନତି ହୋଇ ଗୁହାରି ଜଣାଇବା ପରେ ସେହି ସମୟରେ ଡ଼ିଉଟିରେ ଥିବା ଡ଼ାକ୍ତର ଆସି ତରବରିଆ ଭାବେ ଏକ ଇଞ୍ଜେକ୍‌ସନ ରୋଗୀକୁ ଦେବାର ପରବର୍ତ୍ତୀ ସମୟରେ ରୋଗୀ ଛାଟିପିଟି ହୋଇ ଆଖିବୁଜି ଦେଇଥିଲା । ଏହାପରେ ହସପିଟାଲ ପରିସରରେ ଦେଖାଦେଇଥିଲା ଉତ୍ତେଜନା । ଆରମ୍ଭ ହୋଇଥିଲା ଭଙ୍ଗାରୁଜା । ଖବରପାଇ ବାରିପଦା ଟାଉନଥାନା ପୁଲିସ ହସପିଟାଲ ପରିସରରେ ପହଁଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରାଇବାରେ ସଫଳ ହୋଇଥିଲେ । ଏହି ଘଟଣାକୁ ନେଇ ମମତାଙ୍କ ପୁତୁଳା ନିଜ ପ୍ରତିକ୍ରୟାରେ କହିଛନ୍ତି ଇଞ୍ଜେକ୍ସନ ଦେଇଥିବା ଡ଼ାକ୍ତର ଜଣକ ହସପିଟାଲ ରୋଡ଼ରେ ଥିବା କୁନାଲ ନାମକ କ୍ଲିନିକରେ ଘରୋଇ ପ୍ରାକ୍ଟିସ କରନ୍ତି । ତେଣୁ ସେଠାରେ ରୋଗୀ ଦେଖା ଶେଷ ହେବା ପରେ ଯେତିକି ସମୟ ବଳେ ସେତିକିରେ ହସପିଟାଲରେ ଆସି ଧର୍ମକୁ ଆଖିଠାର ମାରି ରୋଗୀ ଦେଖିଥାନ୍ତି । ତେଣୁ, ଭୂଲ ଚିକିତ୍ସା କରିଥିବା ଡ଼ାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି । ସେହିପରି ମୃତ ମମତାଙ୍କ ବଡ଼ ଯା ମୀନା ବିଶ୍ୱାଳ ଡ଼ାକ୍ତରଙ୍କ ନିମନ୍ତେ ରୋଗୀ ଓ ରୋଗୀମାନଙ୍କ ନିମନ୍ତେ ଡ଼ାକ୍ତର । ରୋଗୀ ସେବା ଡ଼ାକ୍ତରଙ୍କ ଧର୍ମ । ସାଧାରଣ ଜନତାଙ୍କ ନିକଟରୁ ଆଦାୟ ଟିକସରୁ ଡ଼ାକ୍ତର ଦରମା ନେଉଥିବା ବେଳେ ସେମାନଙ୍କୁ ସଠିକ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ନ ଦେବା ଫଳରେ ସରକାରୀ ହସପିଟାଲରେ ପୋକମାଛି ଭଳି ରୋଗୀ ଜୀବନ ଥାଉ ଥାଉ ମରୁଛି । ତେଣୁ, ଏହି ଧରଣର ଡ଼ାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଯା ମୀନା ବିଶ୍ୱାଳ ।

# କୃଷିମନ୍ତ୍ରୀଙ୍କ ନିଜ ଅଞ୍ଚଳର ଧାନ ମଣ୍ଡିରେ ଝୁଲିଛି ତାଲା : ବିଜେପି



**ଭୁବନେଶ୍ୱର :** ସାରା ରାଜ୍ୟରେ ଧାନକିଣା ଏବଂ ଟୋକନ ବ୍ୟବସ୍ଥାରେ ଅନିୟମିତତା ଦେଖାଦେଇଥିବା ବେଳେ ଖୋଦ୍ କୃଷିମନ୍ତ୍ରୀଙ୍କ ନିଜ ଅଞ୍ଚଳର ଧାନ ମଣ୍ଡିରେ ତାଲା ଝୁଲିଛି । ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ମଣ୍ଡି ଗୁଡିକରେ ବ୍ୟାପକ ଜାଲିଆତି ଏବଂ ଦୁର୍ନୀତି ହେବାର ପ୍ରମାଣ ମିଳିଛି । ଓଡଗାଁ ବ୍ଲକ ପାଣ୍ଡେରିପଡା ଧାନମଣ୍ଡିରେ ବ୍ୟାପକ କେଲେଙ୍କାରୀ ହେବା ପରେ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ଘଟଣା ସ୍ଥଳକୁ ଯାଇ ଚାଷୀଙ୍କ ସମସ୍ୟା ପଚାରି ବୁଝିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ପାଣ୍ଡେରିପଡା ସେବା ସମବାୟ ସମିତିରୁ ନିର୍ବାଚିତ ହୋଇ ଲୋକନାଥ ସାହୁ କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ହୋଇଛନ୍ତି । ଏହା ସତ୍ୱେ ବି ତାଙ୍କ ନିଜ ସମବାୟ ସମିତି ରେ ଧାନ କିଣା ହୋଇ ପାରୁନାହିଁ ଏବଂ ମଣ୍ଡିରେ ତାଲା ପଡିଛି । ଧାନମଣ୍ଡି ଗୁଡିକ ଦଲାଲ ମାନଙ୍କ ନିର୍ଦ୍ଦେଶରେ ଅନ୍ୟ ଏକ ଅଜ୍ଞାତ ସ୍ଥାନରେ ଚାଲୁଛି । ସ୍ଥାନୀୟ ଅଂଚଳର ଜନ ପ୍ରତିନିଧୀଙ୍କ ସଂପର୍କୀୟ ଦଶପଲ୍ଲା ଅଂଚଳର ଆଦିବାସୀ ଓ ହରିଜନ ସଂପ୍ରଦାୟର ସଂପର୍କୀୟ ଦେଖାଇ ତାଙ୍କ ଚାଷ ଜମିକୁ ମଣ୍ଡିରେ ଅନୁବନ୍ଧିତ କରାଇ ଲକ୍ଷ ଲକ୍ଷ ଟଙ୍କା ଘୋଟାଲା କରାଯାଉଛି । ବ୍ୟାଙ୍କ ଖାତାଧାରୀଙ୍କ ଅଜାଣତରେ ରାଷ୍ଟ୍ରାୟତ ବ୍ୟାଙ୍କରେ ଖାତା ଖୋଲି ଲକ୍ଷ ଲକ୍ଷ ଟଙ୍କା ଜମା ଏବଂ ଉଠାଣ ହୋଇଛି । ପାହାଡିଆ, ଆମ୍ବତୋଟା ଆଦି କିସମ ଜମିକୁ ଶାରଦ ଜଳସେଚିତ ଦେଖାଇ ଡାଟା ଏଂଟ୍ରି କରି ବେପାରୀମାନଙ୍କ ଧାନ କିଆ ହୋଇଛି । ଗାଁ ଗାଁ ବୁଲି ଦଲାଲମାନେ ବେପାରୀ ଲଗାଇ ଧାନ କିଣୁଛନ୍ତି ଏବଂ ଉକ୍ତ ଧାନକୁ ଅଜ୍ଞାତ ସ୍ଥାନରେ ମଣ୍ଡି ଖୋଲି ମିଥ୍ୟା କାଗଜପତ୍ର କରି ବିକ୍ରି କରୁଛନ୍ତି । ଏପରି ଅବସ୍ଥାରେ ଶହ ଶହ ଚାଷୀ ଧାନ ବିକ୍ରି କରିପାରୁ ନାହାଁନ୍ତି । ଅନ୍ୟପଟେ ଜିଲ୍ଲା ପ୍ରଶାସନ ସବୁ ଜାଣିଶୁଣି ଚୁପ୍ ରହିଛନ୍ତି ବୋଲି ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି । ସେହିପରି ନୟାଗଡ ଜିଲ୍ଲାର କୁରାଳ ସମବାୟ ସମିତିରେ ଚାଷୀ ଏବଂ ସ୍ଥାନୀୟ ଜନସାଧାରଣଙ୍କର ୫ କୋଟି ୪୦ ଲକ୍ଷ ଜମା ଟଙ୍କା ହଡପ ଘଟଣା ମଧ୍ୟ ବିଜେପି କୃଷକମୋର୍ଚ୍ଚା ପ୍ରତିନିଧୀ ମଣ୍ଡଳୀ ଜାଣିବାକୁ ପାଇଥିଲେ । ଏହା ବିରୁଦ୍ଧରେ ଆଗାମୀ ଦିନରେ ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି । ଏହି ପ୍ରତିନିଧୀ ଦଳରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷିକେଶ ଜେନା ଓ ଶ୍ରୀରଞ୍ଜନ ମଙ୍ଗରାଜ, ନାୟାଗଡ ଜିଲ୍ଲା ସଭାପତି ଲାଲା ମନୋଜ ରାୟ, ରାଜ୍ୟ ସଂଯୋଜକ ବିଶ୍ୱଜିତ ସ୍ୱାଇଁ, ଜନ୍ମେଜୟ ଜେନା, ଅଜୟ ପ୍ରଧାନ, ଶ୍ରୀନିବାସ ପ୍ରଧାନଙ୍କ ସମେତ ସ୍ଥାନୀୟ ମୋର୍ଚ୍ଚା ପଦାଧିକାରୀ ପ୍ରମୁଖ ସାମିଲ ଥିଲେ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ମାଗଣା ହାର୍ଟ୍ ଅପରେସନ

**ବରଗଡ଼ :** ଗତ ୮ ତାରିଖ ରବିବାର ଦିନ ବରଗଡ଼ ସହର ନିକଟବର୍ତ୍ତୀ ଏକ ଗ୍ରାମର ଜଣେ ୪୦ ବର୍ଷ ବୟସ୍କା ରୋଗୀଙ୍କ ଓପନ୍ ହାର୍ଟ୍ ସର୍ଜରୀ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ରେ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ରୋଗୀ ଦୀର୍ଘ ଦିନ ଧରି ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିଲେ, ଉଚିତ୍ ଚିକିତ୍ସା ସୁବିଧା ଅଭାବରୁ ରୋଗ ଚିହ୍ନଟ ହୋଇପାରି ନ ଥିଲା। ପରେ ବରଗଡ଼ ର ଜଣେ ଡାକ୍ତର ରୋଗୀଙ୍କର ହୃଦ୍ ରୋଗ ହୋଇଥିବା ଆଶଙ୍କା କରି ତାଙ୍କୁ ବୁର୍ଲାସ୍ଥିତ ଭିମ୍‌ସାର୍ ହସ୍ପିଟାଲ୍ କୁ ଯିବାପାଇଁ ପରାମର୍ଶ ଦେଇଥିଲେ। ସେଠାରେ ରୋଗୀଜଣକ ମିଟ୍ରାଲ୍ ଷ୍ଟେନୋସିସ୍ ନାମକ ଏକ ହୃଦ୍‌ରୋଗ ଜନିତ ସମସ୍ୟା ରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଏହି ରୋଗ ରେ ହୃଦୟର ଭାଲ୍‌ଭ୍ ଟି ଅବରୋଧ ହେବା ଯୋଗୁଁ ଶରୀରକୁ ଠିକ୍ ପରିମାଣ ରେ ବିଶୁଦ୍ଧ ରକ୍ତ ମିଳିପାରେ ନାହିଁ। ଏହି ରୋଗ ର ଚିକିତ୍ସା ଅତି ବ୍ୟୟବହୁଳ ଏବଂ ଏହାର ଚିକିତ୍ସା ପାଖାପାଖି ଅଂଚଳର କୌଣସି ସରକାରୀ ଓ ବେସରକାରୀ ଚିକିତ୍ସାଳୟ ରେ ଉପଲବ୍ଧ ନ ଥିବାରୁ ପୂର୍ବରୁ ଏପରି ରୋଗୀମାନେ କଟକ, ଭୁବନେଶ୍ୱର ଏବଂ ରାଜ୍ୟ ବାହାରର ବେସରକାରୀ ଚିକିତ୍ସାଳୟ ଉପରେ ନିର୍ଭର କରୁଥିଲେ। ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ମାଗଣାରେ ଚିକିତ୍ସା ହୋଇପାରୁଥିବା ବୁର୍ଲା ମେଡିକାଲ୍ ର ଡାକ୍ତରଙ୍କ ଠାରୁ ରୋଗୀ ଜାଣିବାକୁ ପାଇଥିଲେ। ବିକାଶ ହସ୍ପିଟାଲ୍ ରେ ରୋଗୀ ଏଡ୍‌ମିଟ୍ ହେବା ପରେ ରାଜ୍ୟର ସୁନାମଧନ୍ୟ କାର୍ଡିଓଥୋରାସିକ୍ ସର୍ଜନ୍ ଡା.ନିମାଇଁ ଚରଣ ବେହେରା ରୋଗୀଙ୍କ ପରୀକ୍ଷା କରି ଓପନ୍ ହାର୍ଟ୍ ଅସ୍ତ୍ରୋପଚାର ମାଧ୍ୟମରେ କୃତ୍ରିମ ଧାତୁ ତିଆରି ଭାଲ୍‌ଭ୍ ଲଗାଇଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସହିତ ଇକୋ ଏବଂ ଇସିଜି ସ୍ୱାଭାବିକ ଥିବା ଯୋଗୁଁ ଅସ୍ତ୍ରୋପଚାର ପରେ ଚତୁର୍ଥ ଦିନ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ସମ୍ପୂର୍ଣ୍ଣ ମାଗଣା ରେ ହୋଇଥିବା ଏହି ସଫଳ ଓପନ୍ ହାର୍ଟ୍ ଏବଂ ବାଏପାସ୍ ସର୍ଜରୀ ସମସ୍ତ ପଶ୍ଚିମ ଓଡ଼ିଶାବାସୀ ଙ୍କ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି, ଯଦ୍ୱାରା କି ଜଟିଳ ରୋଗ ର ଚିକିତ୍ସା ପାଇଁ ମଧ୍ୟ ଆଉ ପୂର୍ବପରି ରୋଗୀଙ୍କୁ ଦୂର ସ୍ଥାନ କୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ, ଠିକ୍ ସମୟରେ ରୋଗୀଙ୍କୁ ଚିକିତ୍ସା କରାଯାଇ ଜୀବନ ରକ୍ଷା କରାଯାଇପାରିବ। ପ୍ରକାଶ ଥାଉକି ପଶ୍ଚିମ ଓଡ଼ିଶାର ଏକମାତ୍ର ହୃଦୟ ଅସ୍ତ୍ରୋପଚାର ଚିକିତ୍ସା କେନ୍ଦ୍ର, ବିକାଶ ହସ୍ପିଟାଲ୍‌ରେ ଗତ ଜାନୁୟାରୀ ୨୦୨୦ ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଓପନ୍ ହାର୍ଟ୍ ସର୍ଜରୀ ସହିତ ବିଭିନ୍ନ ପ୍ରକାରର ହୃଦ୍ ରୋଗ ଜନିତ ଓ ଅନ୍ୟ ଜଟିଳ ରୋଗ ର ଚିକିତ୍ସା ମାଗଣା ରେ କରାଯାଉଛି। ଅନେକ ରୋଗୀ ବିକାଶ ହସ୍ପିଟାଲରେ ଗତ ୨ମାସ ମଧ୍ୟରେ ଏହି ସୁବିଧା ର ଲାଭ ଉଠାଇ ଚିକିତ୍ସିତ ହୋଇସାରିଲେଣି। ବିକାଶ ହସ୍ପିଟାଲ୍ କର୍ତ୍ତୃପକ୍ଷ ପଶ୍ଚିମ ଓଡ଼ିଶାର ସାଧାରଣ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ତାଙ୍କର ଜଟିଳ ରୋଗ ର ମାଗଣା ଚିକିତ୍ସା କରାଇବା ପାଇଁ ନିବେଦନ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଷୟରେ ଅଧିକ ସୂଚନା ଓ ସହାୟତା ପାଇଁ ୯୯୩୭୭୦୦୧୭୦ ନମ୍ବର ରେ ଯୋଗାଯୋଗ କରନ୍ତୁ।

**ଶୁଳିଆପଦା ବିଡ଼ିଓଙ୍କୁ ଦୁର୍ବ୍ୟହାର ମାମଲା, ଅଭିଯୁକ୍ତଙ୍କୁ ନିଆରା ଦଣ୍ଡାଦେଶ**

# ବ୍ୟବହାର ସୁଧାର ନିମନ୍ତେ ଡ଼ିପିଓଙ୍କ ତତ୍ତ୍ୱାବଧାନରେ ୧ ବର୍ଷ ରହିବେ

**ବାରିପଦା :** ୨୦୧୦ ମେ ୧୬ରେ ଶୁଳିଆପଦା ବ୍ଲକର କାର୍ଯ୍ୟରତ ତତ୍କାଳୀନ ବିଡ଼ିଓଙ୍କୁ ଦୁର୍ବ୍ୟବହାର କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗ ମାମଲାରେ ବାରିପଦା ଆସିଷ୍ଟାଣ୍ଟ ସିଭିଲ ଜଜ୍ ସିନିୟର ଡ଼ିଭିଜନ ଜଜ୍ ଶିବାଶିଷ ଗିରି ଅଭିଯୁକ୍ତ ଯୁବକକୁ ନିଜର ବ୍ୟବହାର ସୁଧାର ନିମନ୍ତେ ଏକ ବର୍ଷ ପର୍ଯ୍ୟନ୍ତ ଡ଼ିଷ୍ଟ୍ରିକ୍ଟ ପ୍ରବେଶନ ଅଧିକାରୀ(ଡ଼ିପିଓ)ଙ୍କ ତତ୍ତ୍ୱାବଧାନରେ ରହିବା ପାଇଁ ଏକ ନିଆରା ରାୟ ଶୁଣାଇଛନ୍ତି । ଖବରର ବିବରଣୀରୁ ପ୍ରକାଶ, ୨୦୧୦ ମେ ୧୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ସରକାରରେ କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ବିଭାଗର ରାଷ୍ଟ୍ରମନ୍ତ୍ରୀ ତଥା ମୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଓ ବର୍ତ୍ତମାନ ବିଜେପିରେ ଯୋଗ ଦେଇଥିବା ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ସହାୟକ ଭାବେ କାର୍ଯ୍ୟକରୁଥିବା ବାରିପଦା ସହରର ସଞ୍ଜୀବ ରାଉତ ଓରଫ ବବି ଶୁଳିଆପଦା ବ୍ଲକରେ କାର୍ଯ୍ୟରତ ସେହି ସମୟର ବିଡ଼ିଓ ରାମଚନ୍ଦ୍ର ଜେନା ଏକ ବୈଠକରେ ଅନ୍ୟ କର୍ମଚାରୀମାନଙ୍କ ସହ ଥିବା ବେଳେ ମନ୍ତ୍ରୀ ମହାରାଜା ପ୍ରବୀଣଙ୍କ ଉପସ୍ଥିତିରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ପୂର୍ବକ ସିନେମା ଷ୍ଟାଇଲରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ବିଷୟକୁ ନେଇ ପରବର୍ତ୍ତି ଦିନ ବିଡ଼ିଓ ଶ୍ରୀଜେନା ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ମାମଲାରେ ଥିବା ୧୨ ଜଣ ସାକ୍ଷୀମାନଙ୍କ ବୟାନ ଓ ସମସ୍ତ ପ୍ରମାଣପତ୍ରକୁ ଆଧାର କରି ଅଦାଲତ ପକ୍ଷରୁ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ଉକ୍ତ ରାୟରେ ଅଭିଯୁକ୍ତ ସଞ୍ଜିବ ଓରଫ ବବିଙ୍କ ବ୍ୟବହାର ସମ୍ପର୍କରେ ଡ଼ିପିଓ ପ୍ରତ୍ୟେକ ୩ ମାସରେ ଥରେ ଲେଖାଏଁ ରିପୋର୍ଟ ଅଦାଙ୍କୁ ପ୍ରଦାନ କରାଯିବା ନିମନ୍ତେ ଉଲ୍ଲେଖ କରାଯାଇଛି ଏବଂ ବ୍ୟବହାର ସୁଧାର ନିମନ୍ତେ ଅଦାଲତର ଏହି ପ୍ରକାରର ନିଆରା ଦଣ୍ଡବିଧାନ ରାୟ ଏକ ଉଦାହରଣ ପାଲଟିଯାଇଛି।

# ଜୀବନ ସଂସ୍କାର



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବେଦର ଅନ୍ୟ ନାମ ଶ୍ରୁତି, ମନେରଖି ରଖି, ଗୁରୁରୁ ଶିଷ୍ୟ କ୍ରମରେ ଆଗକୁ ବଢ଼ିଥିବା ମହାଶାସ୍ତ୍ର। କାଳ କ୍ରମେ ତାଳ ପତ୍ରରେ ଲୁହା ଲେଖନୀରେ କଥିତ ଭାଷାର ଲିଖିତ ଭାଷା ରୂପ ନେଲା, ତାପରେ ଏହା ପୁଣି ଅନେକ ବର୍ଷ ଚାଲିବା ପରେ କାଗଜ, କଲମ ଲେଖନୀ ଶେଷରେ ଛାପାଖାନା। ତାପରେ ବର୍ତ୍ତମାନ ଛପାଶୈଳୀ ଶେଷରେ ମୋବାଇଲ ଫୋନ, କମ୍ପ୍ୟୁଟର ପର୍ଦ୍ଦାରେ ପାଠ ଆସିଲାଣି। ଏଇ ବେଦ ଦିନେ ବିଲୁପ୍ତି ହୋଇଯାଇଥିଲା, ବେଦ ଚୋରୀ ହୋଇଥିଲା, ତାକୁ ଭଗବାନ ବରାହ ଉଦ୍ଧାର କରିବା ଜାଣିବାକୁ ମିଳୁଛି। ଏହା ପୁରାଣ କଥା। ଇତିହାସ କହୁଛି ଭାରତ ବର୍ଷରେ ବହୁ ବର୍ଷ ଧରି ଯାବନିକ ପ୍ରଶାସନରେ ବିବିଧ ଷଡ଼ଯନ୍ତ୍ର ଉତ୍ପାତରେ ବେଦର ବିଲୁପ୍ତ ଏ ଦେଶରେ ହୋଇଯାଇଥିଲା। ଜର୍ମାନରୁ ପୁଣି ସଂଗ୍ରହ ହୋଇ ଏ ଦେଶକୁ ଆସିଲା। ବେଦର ଭାଷ୍ୟ ଅଛି ରାବତୀ, ସାୟନ, ମ୍ୟାକ୍ସମ୍ୟୁଲାର, ଦୟାନନ୍ଦ ପରି ମହାନ ବ୍ୟକ୍ତିଙ୍କର ଭାଷ୍ୟ ରହିଛି। ମୂଳ ପାଂର ଅନୁଭବ ସିଦ୍ଧ ସ୍ତରରେ ଏମାନେ ଭାଷ୍ୟ କରିଛନ୍ତି। ଏପରି ଭଗବତ ଗୀତା ଅଛି। ଯାହା ତୀରନ୍ଦାଜ ସଠିକ ଲକ୍ଷ୍ୟ ଭେଦୀ, ଯୋଦ୍ଧାର ଯୁଦ୍ଧ ଭୂମିରେ, ମୋହ ବିଷାଦ ବେଳେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ବାଣୀ ଥିଲା। ଏମିତି ସମୟ ହୋଇଛି ଏବେ ସମସ୍ତେ ଯୋଦ୍ଧା। ମନେ ହେଲେଣି କେହି ହେଲେ ମାର୍ଗ କଣ ବୁଝୁନାହାଁନ୍ତି, ହେଲେ ସମୟାନ୍ତରକୁ ମୋହ ମାୟା ବିଯୁକ୍ତ ହେଉନାହାଁନ୍ତି। ଏପରି ସ୍ଥଳେ ଏହି



ଗୀତାଜ୍ଞାନ, ତାଙ୍କୁ ନିଶ୍ଚେ ବତୀଘର ପରି ଆଲୋକ ଦେଖାଇପାରେ। ଦେହ ଓ ଆତ୍ମା ଦୁଇଟି ଭିନ୍ନ ସ୍ତର। ଦେହ ନଷ୍ଟ ହୁଏ ଆତ୍ମା ନଷ୍ଟ ହୁଏ ନାହିଁ। ବେଦ ସ୍ଥୁଳ, ପଞ୍ଚଭୂତରେ ସମ୍ବନ୍ଧିତ ଏହାକୁ ଦେଖି ହୁଏ। ଆତ୍ମାକୁ ଦେଖି ହୁଏନାହିଁ। ପବନ ସହିତ ଏହାର ସମ୍ବନ୍ଧ ପ୍ରାଣବାୟୁରେ ଏହା ସଞ୍ଚାଳିତ। ପ୍ରାଣବାୟୁକୁ କେହି ଚକ୍ଷୁରେ ସବୁ ବାୟୁପରି ଦେଖିବା ଅସମ୍ଭବ। ଭଗବାନ ଦିବ୍ୟାତ୍ମା। ଏପରି ଦେହ ଦେଇ ଜନ୍ମ ବେଳକୁ ବେଳ ହୋଇଆସୁଛନ୍ତି। କେତେବେଳେ ପୂର୍ଣ୍ଣ କେତେବେଳେ ଅଂଶ ପୁଣି କେତେବେଳେ ଆବେଗ ଅବତାର କେତେବେଳେ ଅଂଶାଂଶ ଅବତାର। ଆମ ଶ୍ରୀକ୍ଷେତ୍ର ଦାରୁଦିଅଁଙ୍କ ହାତର ପାପୁଲିରେ ଆଙ୍ଗୁଳି ନାହିଁ ହେଲେ ସେ ସର୍ବମୟକର୍ତ୍ତା। ସଂସାର ଏକ ବିଶିଷ୍ଟ ରଙ୍ଗମଞ୍ଚ। ପୁରୁଷ, ପୁରୁଷୀ ରୂପରେ ଦେବତା ଏକ ଏକ ନାଟକ ରଚନା କରି ଲୋକ ଶିକ୍ଷା ପାଇଁ ଆସୁଛନ୍ତି। ପୂର୍ବେ ନାଟକ ଆରମ୍ଭରେ ବିଶିଷ୍ଟ ନଟନଟୀ ରୂପେ ଶିବ-ପାର୍ବତୀ ମଞ୍ଚକୁ ଆସି ଦର୍ଶକଙ୍କୁ ଏକ ଶିକ୍ଷା ଦେବାକୁ ନାଟକ ଟିଏ ଦେଖାଇବା ବୟାନ ପ୍ରଥମେ ହେଉଥିଲେ। ସେ ଛୋଟ ମଞ୍ଚ। ଏଇ ବିଶ୍ୱ ରଙ୍ଗମଞ୍ଚର ଧାରା ବଡ଼ ଓ ବହୁକାଳ ଧରି ଚାଲୁଥିବାରୁ ସମୟାନ୍ତରକୁ ଅନେକ ଦିବ୍ୟ ନଟ, ନଟୀ ବହୁ ଅଙ୍କ ଦୃଶ୍ୟର ନାଟକ କରୁଛନ୍ତି। ଏମିତି କେତେ ମୁଖ୍ୟ ନଟ ନଟୀ ଆସୁଛନ୍ତି ଭାଗବତର ୨୪ ଅବତାର; ମହାମତି ଜୟଦେବଙ୍କ ୧୦ ଅବତାର ଉପଖ୍ୟାନ ସଂଶ୍ଲିଷ୍ଟ ଚରିତରେ ଏମିତି ନଟନଟୀ ଖଳନାୟକ ଦୃଶ୍ୟାବଳୀ ଜଡ଼ିତ। ଭାରତ ସ୍ୱାଧୀନତାରେ ଗାନ୍ଧୀ ଏକ ଅବତାର ଏହା ଅତ୍ୟୁକ୍ତି ନୁହେଁ। ଅହିଂସା ଏକ ଅସ୍ତ୍ର ସେ ଏପରି କଳ୍ପନା କରି ଦେଶ ସ୍ୱାଧୀନତା କରାଇପାରିଥିଲେ। ଆଜି ବର୍ଦ୍ଧିଷ୍ଣୁ ଜଣେ ଜୀବ ଜଗତରୁ ଜୀବ ମାରିମାରି ଅନେକ ଜୀବ ଶେଷ କଲେଣି। ଗଛ ନଷ୍ଟ କରି କରି



ସଂସାରରୁ ଗଛ ନଷ୍ଟ କଲେଣି, ହେଲେ ଦୂରଦ୍ରଷ୍ଟା ଅବତାରମାନେ ଏ ବିଷୟରେ ଅନେକ ଉପଦେଶ ଦେଇଛନ୍ତି ବାରଣ ବି କରିଛନ୍ତି। ଜଙ୍ଗଲ ସହିତ ଦୁଇ ଅବତାର ପୂର୍ଣ୍ଣ ଜଡ଼ିତ ଶ୍ରୀରାମ ଓ ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣଙ୍କ ପଞ୍ଚବଟୀ, ଦଣ୍ଡକାରଣ୍ୟ ସମ୍ବନ୍ଧ ଥିଲା। ଜଙ୍ଗଲବାସ ବେଳେ ବୃକ୍ଷରୋପଣ ବୃକ୍ଷରକ୍ଷା ତାଙ୍କ କାର୍ଯ୍ୟାବଳୀର ଅଙ୍ଗ ନିଶ୍ଚୟ ଥିଲା। ଦଣ୍ଡା ଜମି ହିଁ ଦଣ୍ଡବ ଭୂମି ଆଉ ଭଗବାନ କୃଷ୍ଣ ବୃନ୍ଦାବନରେ ବହୁ ବନ ସୃଷ୍ଟିକାରୀ ଯାହା ଏବେ ବି ଲପଲବ୍ଧ ନାମରେ ସେ ଭୂମି ରହିଛି। ରାମଙ୍କ ବାଣୀ ତପିମାନେ, କୃଷ୍ଣଙ୍କ ବାଣୀ ଯୋଗୀମାନେ ଶୁଣି ଚିନ୍ମୟ ହେଉଥିଲେ, କାମରେ ଲଗାଉଥିଲେ। ମହାନଟ ଅବତାର ନିଜର ପ୍ରତ୍ୟକ୍ଷ ଜଡ଼ିତ ଓ ପରୋକ୍ଷ ଜଡ଼ିତରେ ଅନେ ନାଟକ ରଚନା କରି ଲୋକଶିକ୍ଷା ଦେବା ଜଣାପଡ୍ଡୁଛି।

ଭଗବାନ ବାବା (ଶ୍ରୀ ସତ୍ୟସାଇ ବାବା) କହିଲେ ସେ ଯୁଗପରି ସଂହାର ନୁହଁ, ସଂସ୍କାର ଏହି ଯୁଗ ପାଇଁ ଦରକାର। ତାଙ୍କର ବାଣୀ ନିଶ୍ଚୟ ଶାନ୍ତି ପାଇଁ ଉଦ୍ଦିଷ୍ଟ। ପ୍ରତ୍ୟେକ ଧର୍ମ ପାଇଁ, ପ୍ରତ୍ୟେକ ଜାତି ପାଇଁ, ପ୍ରତ୍ୟେକ ସମାଜ ପାଇଁ, ପ୍ରତ୍ୟେକ ଦେଶ, ପ୍ରଦେଶ ପାଇଁ କାମ, ସମଗ୍ର ବିଶ୍ୱ ମାନବ ଜାତି ପାଇଁ ବର୍ତ୍ତମାନ ସଂହାର ନୁହେଁ ସଂସ୍କାରର ଆବଶ୍ୟକ ଏହା ଭଗବାନ ସାଇବାବାଙ୍କ ଉକ୍ତି। ଲୋକେ ଏକ ସହରକୁ ମୂଲିଆ ରୂପରେ ଆସି ଲୋକଙ୍କ ନିର୍ମାଣାଦି କାର୍ଯ୍ୟରେ ଦୋକାନ କାରଖାନା। ଅନୁଷ୍ଠାନରେ କାମ କରୁଛନ୍ତି। ସେମାନେ ମୁଣ୍ଡ ଗୁଞ୍ଜିବାକୁ କିଛି ପତିତ ସରକାରୀ ଭୂମିରେ କୁଟୀର ନିର୍ମାଣ କରି ରହନ୍ତି। ସ୍ଥାନୀୟ ନିର୍ବାଚନ ବେଳେ ରାଜନୈତିକ ନେତା ଲଲିପପ ଦେଖାଇ ଭେଟି ଭିକ୍ଷା କରୁଛନ୍ତି। ମକାତ୍ର ସେହି ନେତା ପୁଣି କାନୁନ କରି ସେହି ମୂଲିଆ ଛୋଟ ଛୋଟ ବୃତ୍ତି ଆଶ୍ରୟ ଛାଇ ଭାଙ୍ଗୁଛନ୍ତି। ଏଠାରେ ସଂହାର ନିୟମ ଲାଗୁଛି ସଂସ୍କାର ନିୟମ ଲଗାଇଲେ ଜନରବ କେବେ ହୁଅନ୍ତା ନାହିଁ। କାମ ପାଇଁ କର୍ମଚାରୀ ମୁତୟନ ଦିଅ କୌଣସି ସରକାରରେ ବ୍ୟାପକ ନୁହଁ। ଠିକା ଶ୍ରମିକର ବଳରେ ସବୁ ସରକାରୀ ଅନୁଷ୍ଠାନ ଏବେ ଚାଲିଛି। ହେଲେ ଅନ୍ତର୍ଜାତୀୟ ଶ୍ରମ କାନୁନ ଏବେ ନିଷ୍କ୍ରିୟ କୌଣସି ଶ୍ରମିକ ଏକତା ଏବେ ଅଚଳ। ଶ୍ରମ ଦଣ୍ଡରେ ଅଫିସରଙ୍କ ଦରମା ଭତ୍ତା ବଢୁଛି ସରକାରର ବିଭିନ୍ନ ଦପ୍ତରରେ ବେଳକୁ ବେଳ ଭତ୍ତା ବଢୁଛି ହେଲେ ବହୁ ବର୍ଷ ଧରି ଠିକା କର୍ମଚାରୀ ବାରମ୍ବାର ଅବହେଳିତ। ଏହାର ସଂହାର ନୀତି କାହିଁକି ଅପସାରଣ ହେଉନାହିଁ। ଲୋକେ ଭିଜିଲାନ୍ସ ପରି ମାମଲାରେ ପଡ଼ି କିଛି ଦିନ ଅଧା ଦରମା ବା ଛୁଟିରେ ରହୁଛନ୍ତି। ସେମାନେ ଘଟଣାର ପୂର୍ବ ବର୍ଷରେ ଭଲ କାମ କରିବା ରେକର୍ଡ଼ ତାଙ୍କ ଅଫିସ କାଗଜ ଦର୍ଶାଉଛି। ଏମାନଙ୍କୁ ସଂହାର ନକରି ସଂସ୍କାର କରିଲେ କଣ ତାଙ୍କର ମନ ଜାଗନ୍ତା ନାହିଁ। ଜଣେ ଭୁଲ କଲେ ତାଙ୍କରସନ୍ନ୍ୟାସୀ ଜୀବନ ନୁହଁ, ସଂସାର ଜୀବନ ତାଙ୍କ ଉପରେ ନିର୍ଭରଶୀଳ ଲୋକେ ଚଳିବେ କେମିତି ? ମନ୍ତ୍ରୀ, ଏମ୍‌ପି, ଏମ୍‌ଏଲଏ ଏମାନେ ପାଞ୍ଚ ବର୍ଷ ପରେ ଚଳିବା ବାଟ କରାଯାଇଛି। ଜଣେ ସରକାରୀ କର୍ମଚାରୀର କର୍ମମୟ ଜୀବନରେ କାହାର ଆକ୍ରୋଶ ଅଭିଯୋଗ ଥାଇପାରେ ଏ ପାଇଁ ତାଙ୍କର ଚାକିରୀରେ ହଠାତ୍ କର୍ମାନ୍ତର କି ଜଟିଳ ସ୍ଥିତିରେ ତାକୁ ପକାଉଛି ଏ ପାଇଁ ସରକାରୀ ନୀତି ସଂହାର ପଥରେ ନଯାଇ ସଂସ୍କାର ପଥ ଧରିଲେ ଭଲହୁଅନ୍ତା। ଲୋକେ ସଂସ୍କାର ହେବା ପାଇଁ ଟିଭି ପ୍ରୋଗ୍ରାମ ଘରେ ଅନେକ ଅନେକ କାର୍ଯ୍ୟକ୍ରମ ହେଉଛି, ନିଜର ଜୀବନଯାପନ ଲୋକେ



ସଂହାର ପୂର୍ବରୁ ସଂସ୍କାର ହେବା ଏଥିରେ ପରୋକ୍ଷରେ ଉପଦେଶ ରହିଛି। ବିଚାରାଳୟ ଅପରାଧିର ଦଣ୍ଡ ବିଧାନ ଦ୍ୱାରା ଜେଲ ଜୋରିମାନା କରି ବ୍ୟକ୍ତିକୁ ସଂସ୍କାର କରିବା ବିଧାନ କରୁଛନ୍ତି। ଚୋରୀ କରିବା ବ୍ୟକ୍ତି ବୃତ୍ତି ଧନ୍ଦାରେ ମନ ଦେଇ ନାହିଁ। ଏ ପାଇଁ ଜେଲରେ କଏଦୀକୁ ପରିଶ୍ରମ



କରାଇବା ସୃଜନୀ ଶକ୍ତି ଚେତନା ଦେଇ ବ୍ୟକ୍ତିର ଦଣ୍ଡମୁକ୍ତ ପର ଜୀବନ ଶାନ୍ତିମୟ କରିବା ଚିନ୍ତା ନିଶ୍ଚେ ଜଡ଼ିତ କରାଯାଇଛି। ପ୍ରଚଳିତ ସମୟରେ ତିନିପ୍ରକାର ଅନୁଭବ ମନୁଷ୍ୟ ସମାଜରେ ରହିବା ବୋଧ ହେଉଛି। ଏକ ନାସ୍ତିବାଚକ, ଏକ ଆସ୍ତିବାଚକ ଓ ଏକ ଦୁଇଟି ଯାକ କୌଣସିଟି ନୁହଁ। ସଂସାର ତିନି ପ୍ରକାରରେ ସ୍ଥାନ ରହିଛି। ମନ୍ଦିର, ଉପସନାସ୍ଥଳ, ବିଚାର ବା ଅବରୁଦ୍ଧସ୍ଥଳୀ ଆଉ ଏକ ସାଧାରଣ ଜୀବନଶୈଳୀ। ମନ୍ଦିର ଉପାସନା ସ୍ଥଳୀକୁ (+) ଚିହ୍ନିତ ସବୁ ଭାବିଲେ ଜେଲଖାନାକୁ



(-) ସ୍ଥଳୀ ଭାବିପାରିବା ଆଉ ସାଧାରଣ ଜୀବନ ବିତାଉଥିବା ମାନବ ଜୀବନକୁ (+) ଓ (-) ମିଶ୍ରିତ ଜୀବନ ବୁଝିପାରିବା। ଦେବ, ମାନବ, ଦାନବ ଏହାରି ମଧ୍ୟରେ ଖଞ୍ଜି ହେବ। ମାନବ ସ୍ତରରୁ (+) ଯୁକ୍ତ ସ୍ତର ଦେବସ୍ତର (-) ବିଯୁକ୍ତ ସ୍ତର ଦାନବସ୍ତର ସ୍ୱାର୍ଥନ୍ୱେଷୀ ବ୍ୟକ୍ତି ତପଃ ଶକ୍ତି ପରିଶ୍ରମ ମାର୍ଗଛାଡ଼ି ଦାନବ ଦିଗକୁ ବାଛିବା ଏବେ ବଳବତର। ଫଳରେ ଜେଲଖାନାର ଆୟତନ ବାରମ୍ବାର ବୃଦ୍ଧି ଚିନ୍ତା ପଡ଼ିଲାଣି। ପ୍ରତ୍ୟେକ ସଂଯମ ହରା ହେବାରୁ ଡାକ୍ତରଖାନାରେ ବେଡ଼ ମିଳୁନାହିଁ। ସାଧାରଣ ଜନତାଙ୍କ ଗୋଚର ନୁହଁ। ଏହାର ସଂସ୍କାରିତ ସ୍ତର ନହେଲେ ସଂହାରରେ ଅନେକ ପଡ଼ିଲେଣି। କୌଣସି ଦନାବ ଶକ୍ତି ଅମର ନୁହଁନ୍ତି। ଲୋକମାନେ ଯାହା ଅର୍ଜନ କରି ରଖୁଛନ୍ତି ତାକୁ ଚୀରନ୍ତନ ଭୋଗ ସେ କରିବେ କି? ତାଙ୍କର ଅନ୍ତ ପରେ ତାଙ୍କ ଅର୍ଜିତ ସମ୍ପତ୍ତି ଧନରେ ବାଡ଼ ପାଚେରୀ ପଡ଼ିବ, ବଣ୍ଟବାରା ହେବ, ଅଛିଣ୍ଡାରେ କୋର୍ଟ କଚେରୀରେ ବାପା ମାଆ ନାମ ପଡ଼ିବ। ମରା ସିଂହ ଭାଇ ନିଜ ଘରର ସର୍ବଦା ମିଳନ୍ତି ନାହିଁ। ଘର ଲୋକ ଧନ ଭୋଗ ପାଇଁ କାନ୍ଦନ୍ତି, ମାତ୍ର କେହି ଲୋକ ପାଇଁ ପରଲୋକ ମାନେ କାନ୍ଦିଲେ ବୁଝାଯାଏ ମୃତ ବ୍ୟକ୍ତି କିଛି ତା ପାଇଁ କରିଥିଲେ। ଏହା ଜୀବନର ସଂସ୍କାର ମାର୍ଗ। ଯେତେ ମତ ସେତେ ପଥ ବଡ଼ ପୁଷ୍କରଣୀରେ ଘାଟ ବନ୍ଧା ଯାଏ। ଯେ ଯେଉଁଠି ଜଳକୁ ବ୍ୟବହାର କରୁ ସବୁଜଳ ପୁଷ୍କରଣୀ ଏକ ଭଗବାନ ଏକ ବଡ଼ ତୀର୍ଥ ପୁଷ୍କରିଣୀ। ଏଥିରେ ସମସ୍ତ ଧର୍ମ ମତ ସମ୍ବନ୍ଧି ରହିଛି। ତେବେ ଧର୍ମ ଦେଇ ଦ୍ୱନ୍ଦ୍ୱ ଲଗାଇବା ଓ ଧର୍ମଯୁଦ୍ଧରେ ଅସ୍ତ୍ର ସଂସ୍ଥାରରେ ଅନ୍ୟକୁ ଅନ୍ତ କରିବା ଭୟ ଦେଖାଇବା ଉଦ୍ଦେଶ୍ୟ ଚରିତାର୍ଥ କରିବା କଣ ଚକ୍ଷୁଷ୍ମାନ ସମସ୍ତ ଈଶ୍ୱରବତ୍ତ ଇନ୍ଦ୍ରିୟଧାରୀଙ୍କ କଣ ଉଚିତ ଚିନ୍ତା। ଧର୍ମାନ୍ଧ ନହୋଇ ଧର୍ମୀୟ ଚକ୍ଷୁଷ୍ମାନ ହେଲେ ଆୟୁଷ୍ମାନ ସମୟ ସ୍ଥାନ ଓ ନିଜେ ହୋଇ ପାରିବେ। ଭଗବାନ ସତ୍ୟସାଇ ବାବା ଏମିତି ମାର୍ଗ ସବୁ ଧର୍ମର ଲୋକଙ୍କୁ ଦେଖାଇଛନ୍ତି ସଂହାର ନୁହଁ ସଂସ୍କାର ପଥ ସର୍ବତ୍ର ଅନୁଶରଣ କରାଯାଉ। ଧର୍ମମତର ସ୍ରଷ୍ଟାମାନେ ପୂର୍ବକୁ ବହୁମତରେ ଜଡ଼ିତ ନକରିବାକୁ ସେମାନଙ୍କର ଅଙ୍ଗଲିଭା ଘଟଣା ସହିତ ଚିନ୍ତାଧାରାକୁ ଧ୍ରୁବ କରି ରଖିବା ପ୍ରଚେଷ୍ଟା କରିଛନ୍ତି। ଇସଲାମ ଧର୍ମରେ କୋରାନ, ଶିଖ ଧର୍ମରେ ଗ୍ରନ୍ଥ ସାହେବ, ଖ୍ରୀଷ୍ଟୀୟ ଧର୍ମରେ ବାଇବେଲ ପରି ବହୁଧର୍ମରେ ଧର୍ମ ଗୁରୁଙ୍କ ବାଣୀକୁ ସ୍ଥିର ରଖାଯିବା ବୁଝାପଡ଼େ। ଭଗବାନ ବୁଦ୍ଧ ଜୀବନ କାଳରେ ଯେଉଁ ବାଣୀ ପ୍ରଚାର କରିଥିଲେ ତାଙ୍କ ଆନୁଗତ୍ୟ ମାନଙ୍କୁ ବିଭିନ୍ନ ନୀତିରେ କହିଥିଲେ ପରେ ତାଙ୍କର ସେ ଅମୂଲ୍ୟ ବାଣୀଗୁଡ଼ିକ ଲିପିବଦ୍ଧ କରାଯାଇ ବିଶ୍ଳେଷଣ କରାଯାଉଛି। ସେହି ଭଗବାନ ସତ୍ୟସାଇ ବାବାଙ୍କ ଉପଦେଶ ବାଣୀ ଗୁଡ଼ିକୁ ତାଙ୍କର ପରବର୍ତ୍ତୀ ଆଚାର୍ଯ୍ୟମାନେ ବାଣୀ ଗୁଡ଼ିକ ମର୍ମାନୁସନ୍ଧାନ କରି କାମରେ ଲଗାଇଲେ କେବେ ଅଶାନ୍ତି ଉପଦ୍ରବ ସଂସାରରେ ରହିବ ନାହିଁ। ପରିଶେଷରେ ସେହି ସର୍ବ ଦେବତା ସ୍ୱରୂପ ଭଗବାନ ସତ୍ୟସାଇ ବାବାଙ୍କୁ ପ୍ରଣାମ କରି ଲେଖା ଶେଷ କରୁଛି।

*ପ୍ରତିଷ୍ଠାତା ସମ୍ପାଦକ 'ବରେଣ୍ୟ ବାଣୀ',*
*ପିସି ସରକାରଲେନ, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

# ମହାରାଷ୍ଟ୍ର-ଓଡ଼ିଶା ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଭାବବିନିମୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର, (ପିଆଇବି):** ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିସରରେ ଭାରତ ସରକାରଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅନ୍ତର୍ଗତ ମହାରାଷ୍ଟ୍ର ଓ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପତ୍ର ସୂଚନା କାର୍ଯ୍ୟାଳୟ, ମୁମ୍ବାଇ ଏବଂ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଆନୁକୂଲ୍ୟରେ ମହାରାଷ୍ଟ୍ରର ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି। ଭାବବିନିମୟ ଅବସରରେ ଓଡ଼ିଶାର କଳା, ସଂସ୍କୃତି, ପର୍ଯ୍ୟଟନ, ଜୀବନଜୀବିକା, ରାଜନୀତି ଆଦି ସମସ୍ତ କ୍ଷେତ୍ରରେ ମହାରାଷ୍ଟ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବିସ୍ତୃତ ଭାବେ ସୂଚନା ଦିଆଯାଇଥିଲା। ସେମାନଙ୍କ ସହିତ ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରର ପ୍ରତିନିଧିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ମହାରାଷ୍ଟ୍ର ପ୍ରତିନିଧି ଦଳର ସଦସ୍ୟମାନେ ଓଡ଼ିଆ ଗଣମାଧ୍ୟମର କ୍ରମବିକାଶ, ସ୍ଥିତି ଓ ପ୍ରଗତି ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସେହିପରି ଓଡ଼ିଆ ଆଧ୍ୟାତ୍ମିକ ସଂସ୍କୃତି ଉପରେ ମହାରାଷ୍ଟ୍ର ସଂସ୍କୃତିର ପ୍ରଭାବ ଏବଂ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ସାଂସ୍କୃତିକ ସମ୍ପର୍କ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା



ବଜାୟ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ବିନିମୟ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଉଦ୍ଦେଶ୍ୟରେ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାରାଷ୍ଟ୍ର ଗଣମାଧ୍ୟମ ପ୍ରତିନିଧି ଦଳ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର, ଚିଲିକା ହ୍ରଦ ସମେତ ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବେ। ଏହାଛଡ଼ା ହସ୍ତକଳା, ହସ୍ତଶିଳ୍ପ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା କଟକ ଜିଲ୍ଲାର ମାଣିଆବନ୍ଧ, ପୁରୀ ଜିଲ୍ଲାର ପିପିଲି ଓ ରଘୁରାଜପୁର ୟୁନେସ୍କୋ ଐତିହ୍ୟ ଗ୍ରାମ ଆଦି ସ୍ଥାନ ପରିଦର୍ଶନ କରିବେ। ଏହି ଅବସରରେ ସେମାନେ ଓଡ଼ିଆ ଜୀବନଶୈଳୀ, ଭାଷା, କଳା ଓ ସଂସ୍କୃତି ବିଷୟରେ ଅଧ୍ୟୟନ କରିବେ। ପିଆଇବି ମୁମ୍ବାଇର ଉପନିର୍ଦ୍ଦେଶକ ଡ. ରାହୁଲ ତିଡକେଙ୍କ ନେତୃତ୍ୱରେ ୬ଜଣିଆ ମହାରାଷ୍ଟ୍ର ପ୍ରତିନିଧି ଦଳରେ ଲୋକମତ ସମ୍ବାଦପତ୍ରର ନିଲେଶ ଡି., ସକାଲ ସମ୍ବାଦପତ୍ରର ବ୍ରିଜମୋହନ ପାଟିଲ, ନବଭାରତର ସୁନୀଲ ନନ୍ଦଗାଓଁକର, ପୂର୍ଣ୍ୟନଗରୀର ଦୀପକ ନିକମ, ଦୁରଦର୍ଶନର ବିଶ୍ୱଭୂଷଣ ଛୋଟରାୟ ସାମିଲ ଅଛନ୍ତି। ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି)ର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ସୀତାନାଥ ମିଶ୍ର, ଗଣଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀ ଓ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# କଟକ ମହାନଗର ନିଗମ ଆୟ ୩୫୩, ବ୍ୟୟ ୩୫୨ କୋଟି

**କଟକ :** କଟକ ମହାନଗର ନିଗମ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଚଳିତବର୍ଷର ବଜେଟ୍ ପାରିତ ହୋଇଯାଇଛି। ଗତ ୨ବର୍ଷ ଧରି କଟକ ମହାନଗର ନିଗମରେ କାଉନସିଲ୍ ଗଠନ ହୋଇନଥିବା ଯୋଗୁଁ ପ୍ରଶାସନିକସ୍ତରରେ ବଜେଟ୍ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଚଳିତବର୍ଷ ବଜେଟ୍ ବଳକା ବଜେଟ୍ ରହିଛି। ସିଏମ୍‌ସିର ଆୟ ୩୫୩କୋଟି ୩୪ଲକ୍ଷ ଟଙ୍କା ପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ୩୫୨କୋଟି ୫୬ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଚଳିତ ବର୍ଷ ସିଏମ୍‌ସିର ମୁଖ୍ୟ ଆୟର ଉତ୍ସଗୁଡ଼ିକରୁ ଯେଭଳି ଉପଯୁକ୍ତ ରାଜସ୍ୱ ଆଦାୟ କରାଯିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। ତେବେ ଚଳିତବର୍ଷ ରାଜସ୍ୱ ଆଦାୟ କ୍ଷେତ୍ରରେ ବିଶେଷ ପରିବର୍ତ୍ତନ କରାଯିବ ନାହିଁ ବୋଲି ସୂଚନା ମିଳିଛି। ତେବେ ଗତ ଆର୍ଥିକ ବର୍ଷର ଆୟ ବ୍ୟୟକୁ ଆଖିଆଗରେ ରଖି ଚଳିତବର୍ଷର ବଜେଟ୍ ପାଇଁ ଚିଠା ପ୍ରସ୍ତୁତ ହୋଇଥିବା ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରକାଶ କରିଛନ୍ତି। ଚଳିତବର୍ଷ ବିଶେଷ କରି ନାଳ ନର୍ଦ୍ଦମା ସଫେଇ ଏବଂ ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସିଏମ୍‌ସି ଫାଇନାନ୍ସ ବିଭାଗ ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ରାଜସ୍ୱ ଟିକସ ଆଦାୟ ଉପରେ ୩୪୦୦.୦୦ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଟ୍ରଣ୍ଟି ଟ୍ୟାକ୍ସ ବାବଦରେ ୭୫୦୦.୦୦ଲକ୍ଷ, ୟୁଜର୍ସ ଫି ୧୦୬.୦୦ ଲକ୍ଷ, ସିଏମ୍‌ସିର ବିଭିନ୍ନ କ୍ଷେତ୍ରରୁ ଭଡ଼ା ଆଦାୟରେ ୭୪୦.୦୦ଲକ୍ଷ, ଜୋରିମାନା ଆଦାୟ ଉପରେ ୨୮୧.୦୦ଲକ୍ଷ, ଅନ୍ୟାନ୍ୟ କ୍ଷେତ୍ରରେ ୮୧୦.୦୦ଲକ୍ଷ ୧୫ତମ ଅର୍ଥ କମିଶନ ଗ୍ରାଣ୍ଟରେ ୪୦୦୦.୦୦ଲକ୍ଷ, ଅନୁଦାନ, ଅବଦାନ, ଋଣ ଓ ରିହାତି ବାବଦରେ ୧୮୪୯୭.୦୦ଲକ୍ଷ ଧାର୍ଯ୍ୟ କରାଯାଇଛି। ଏହା ସହିତ ୨୦୧୯-୨୦ଗତ ଆର୍ଥିକବର୍ଷର ବଳକା ଅର୍ଥ ୬କୋଟି ୧୦ଲକ୍ଷ ଟଙ୍କା ଗଚ୍ଛିତ ଥିବା ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଏହି ଆର୍ଥିକ ବର୍ଷରେ ହୋଇଥିବା ବ୍ୟୟ ଅଟକଳକୁ ନଜର କରାଗଲେ ସିଏମ୍‌ସି ଜନହିତକର କାର୍ଯ୍ୟ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ସାଧାରଣ ପ୍ରଶାସନିକ ଓ ସଂସ୍ଥା ଦାୟିତ୍ୱ ପାଇଁ ୧୧୧୧୯.୦୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବାବେଳେ ଜନସ୍ୱାସ୍ଥ୍ୟ, ପରିମଳ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୭୫୩୭.୦୦ଲକ୍ଷ, ସାଧାରଣ ସାମାଜିକ କାର୍ଯ୍ୟକ୍ରମ କ୍ଷେତ୍ରରେ ୭୧୦,୦୦ଲକ୍ଷ, ବିବିଧ କ୍ଷେତ୍ରରେ ୨୯୦.୦୦ଲକ୍ଷ, ଅନ୍ୟାନ୍ୟ ଋଣ କ୍ଷେତ୍ରରେ ୫୫୫.୦୦ଲକ୍ଷ, ସରକାରୀ ଅନୁଦାନରୁ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ୭୨୮.୦୦ଲକ୍ଷ, ଅସମ୍ପୂର୍ଣ୍ଣ ପ୍ରକଳ୍ପ, କାର୍ଯ୍ୟରତ ପ୍ରକଳ୍ପ ତଥା ନୂତନ ପ୍ରକଳ୍ପ ପାଇଁ ୭୭୬୦.୦୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ତେବେ ଚଳିତ ବର୍ଷ ବଜେଟ୍ ପ୍ରାରମ୍ଭରେ ୫କୋଟି ୩୨ଲକ୍ଷ ଟଙ୍କା ଗଚ୍ଛିତ ରହିଥିବା ସିଏମ୍‌ସି ଅର୍ଥବିଭାଗ ପକ୍ଷରୁ ଜଣାପଡ଼ିଛି। ଚଳିତବର୍ଷର ଆୟ ଅପେକ୍ଷା ବିଗତ ବର୍ଷମାନଙ୍କରେ ସିଏମ୍‌ସିର ଆୟ ଅଧିକ ରହିଥିବାବେଳେ ଚଳିତବର୍ଷ ରାଜସ୍ୱ ଆଦାୟ ନେଇ ସିଏମ୍‌ସିର ପାରିବା ପଣିଆ ଉପରେ ବହୁ ପୂର୍ବତନ କର୍ପୋରେଟର ତଥା ଷ୍ଟାଣ୍ଡିଂକମିଟି ସଦସ୍ୟ ଅଙ୍ଗୁଳି ଉଠାଇଛନ୍ତି। ୨୦୧୮-୧୯ ଆର୍ଥିକବର୍ଷରେ ସହରବାସୀଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଯେତିକି ବ୍ୟୟ ବରାଦ ହୋଇଥିଲା ଚଳିତବର୍ଷ ସେହି ଅନୁପାତରେ ବ୍ୟୟ ବରାଦ ହୋଇନଥିବା ଏବଂ କାଉନସିଲ୍ ଭାଙ୍ଗିବା ପରଠାରୁ ସହରବାସୀଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉନଥିବା ପୂର୍ବତନ କର୍ପୋରେଟର୍ ଗିରିବାଳା ବେହେରା, ଅରୁଣ କୁମାର ସେଠୀ, ନମିତା ଦାସ, ନିରୋଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

# ବକେୟା ଅର୍ଥ ଦେବାକୁ ଦାବି

**ଭୁବନେଶ୍ୱର :** ରାଜ୍ୟର ୧୧୪ଟି ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ବକେୟା ଥିବା ୭୦୦ କୋଟି ଟଙ୍କାର ଅନୁଦାନ ପାଇଁ ଆଜି ପୁଣି ବିଜେଡି ସାଂସଦମାନେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟିଥିଲେ। ଏହି ସାଂସଦମାନେ ଅଭିଯୋଗ କରିଥିଲେ ଯେ ସଂପୃକ୍ତ ଅର୍ଥରାଶି ରାଜ୍ୟକୁ ଗତ ୪ ବର୍ଷ ହେବ ମିଳିପାରି ନଥିବା ବେଳେ ଏହା ୧୪ତମ ଅର୍ଥ କମିଶନ ଦ୍ୱାରା ଅନୁମୋଦିତ ହୋଇଥିଲା। ତେଣୁ ସାଂସଦମାନେ ଶ୍ରୀମତୀ ସୀତାରମଣଙ୍କୁ ଭେଟି ରାଜ୍ୟର ନାର୍ଯ୍ୟ ଦାବି ସମ୍ପର୍କରେ ଜଣାଇବା ସହ ୧୪ତମ ଅର୍ଥ କମିଶନର ବକେୟା ରାଶିକୁ ଯଥାଶୀଘ୍ର ଦେବାକୁ ଦାବି କରିଛନ୍ତି। ସାଂସଦମାନଙ୍କ ମଧ୍ୟରେ ପ୍ରସନ୍ନ ଆଚାର୍ଯ୍ୟ, ସରୋଜିନୀ ହେମ୍ବ୍ରମ, ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ର ଥିଲେ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ମୁନିସିପାଲିଟି ଆକ୍ଟ-୧୯୫୦ ଅନୁଯାୀ, ଜିଲ୍ଲା ସ୍ତରରେ ନିଯୁକ୍ତ ହୋଇଥିବା ଅଡିଟ୍ ଅଫିସରମାନେ କେନ୍ଦ୍ରକୁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ତଥ୍ୟ ଦେଇଥାନ୍ତି। ଏହାପରେ କେନ୍ଦ୍ରୀୟ ସହାୟତା ପାଇଁ ଅଡିଟ୍ ଅଫିସରମାନଙ୍କୁ ଖର୍ଚ୍ଚ ତାଲିକା ପ୍ରସ୍ତୁତ କରି ପ୍ରତି ବର୍ଷ ଅପ୍ରେଲ ୧୫ ତାରିଖ ପୂର୍ବରୁ ଅର୍ଥ କମିଶନଙ୍କୁ ରିପୋର୍ଟ କରିବାକୁ ପଡ଼ିଥାଏ । ଏହି ଖର୍ଚ୍ଚ ଚିଠାର ସମୀକ୍ଷା କରିବା ପରେ ଅର୍ଥ କମିଶନ ଆର୍ଥିକ ଅନୁମୋଦନ ଦିଅନ୍ତି। ତେବେ ବିଭିନ୍ନ ସମୟରେ କାର୍ଯ୍ୟସୂଚୀରେ ଅସ୍ୱାଭାବିକତା କିମ୍ବା ଚିଠାକୁ ନେଇ କେନ୍ଦ୍ର ଓ ରାଜ୍ୟର ମତ ମଧ୍ୟରେ ଅସମନ୍ୱୟ ଦେଖାଦେବା କାରଣରୁ ଅର୍ଥ ବକେୟା ରହିଛି। ଏ ସଂପର୍କରେ ସେ ପଦକ୍ଷେପ ନେବେ ବୋଲି ଶ୍ରୀମତୀ ସୀତାରମଣ ବିଜେଡି ସାଂସଦମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗତ ବୁଧବାର ବିଜେଡିର କିଛି ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶ୍ରୀମତୀ ସୀତାରମଣଙ୍କୁ ଭେଟି ୟେସ୍ ବ୍ୟାଙ୍କରେ ଜମା ଥିବା ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ନେଇ ଆଲୋଚନା କରିଥିଲେ। ଆଜି ସେ ସଂପର୍କରେ ଶ୍ରୀମତୀ ସୀତାରମଣ କହିଲେ ଯେ ସେ ଏ ବିଷୟରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣରଙ୍କ ସହ ଆଲୋଚନା କରିସାରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଜମା ରାଶି ଫେରାଇବା ନେଇ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀମତୀ ସୀତାରମଣ ସାଂସଦମାନେଙ୍କୁ ସୂଚନା ଦେଇଥିଲେ।



# ବିଧାନସଭା ମୁଲତବୀ ନିଷ୍ପତ୍ତି ନିନ୍ଦନୀୟ : ପ୍ରଦୀପ୍ତ



**ଭୁବନେଶ୍ୱର :** କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ରାଜ୍ୟ ସରକାର ବିଧାନସଭା ବଜେଟ ଅଧିବେଶନକୁ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ମୁଲତବୀ ଘୋଷଣା ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ସରକାରଙ୍କ ନିଷ୍ପତ୍ତି ନିନ୍ଦନୀୟ ହୋଇଥିବା ବେଳେ ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ବଳି ଦିଆଯାଇଛି। ବିଧାନସଭା ବିଭିନ୍ନ ବିଭାଗର ଖର୍ଚ୍ଚଦାବୀ ସମ୍ପର୍କରେ ଆଲୋଚନା ନକରି ସିଧାସଳଖ ବଜେଟକୁ ପାରିତ କରିବାକୁ ସରକାର ଏପରି ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଶ୍ରୀ ନାଏକ କହିଛନ୍ତି ଯେ କରୋନା ଭୂତାଣୁ ଜନିତ ବିପର୍ଯ୍ୟୟକୁ ରାଜ୍ୟ ବିପର୍ଯ୍ୟୟ ଭାବେ ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏବା ନିଶ୍ଚିତ ଭାବେ ରାଜ୍ୟରେ ଜନ ସଚେତନତା ବୃଦ୍ଧିରେ ସହାୟକ ହେବ। ସେହିପରି ସରକାର ଯେଉଁ ୨୦୦ କୋଟି ଟଙ୍କାର ପାଣ୍ଠି ସୃଷ୍ଟି କରିଛନ୍ତି ତାହା ମଧ ଭଲ ପଦକ୍ଷେପ। ମାତ୍ର ବର୍ତ୍ତମାନ ବିଧାନସଭା ବଜେଟ ଅଧିବେଶନକୁ ଅଧାରୁ ସ୍ଥଗିତ କରିବା ପଛରେ ସେମିତି କିଛି ବଳିଷ୍ଠ ଯୁକ୍ତି କିମ୍ବା କାରଣ ଥିବାର ଅନୁଭବ କରି ହେଉନାହିଁ। ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶର ୧୪ଟି ରାଜ୍ୟରେ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ଓଡ଼ିଶାରେ କିନ୍ତୁ ଏଯାବତ୍ କରୋନା ପଜିଟିଭ୍ ରୋଗୀ ଚିହ୍ନଟ ହୋଇନାହାନ୍ତି। ଯେଉଁମାନେ ଭୂତାଣୁ ଦ୍ୱାରା ପୀଡ଼ୀତ ଥିବା ନେଇ ସନ୍ଦେହ କରାଯାଉଛି ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାର ଆଇସୋଲେସନ ୱାର୍ଡରେ ରଖାଯାଇଛି। ମୋଟାମୋଟି ଭାବେ ରାଜ୍ୟରେ କରୋନା ପରିସ୍ଥିତି ବେଶ୍ ନିୟନ୍ତ୍ରଣାଧୀନ ରହିଛି। ତେବେ ସରକାର ଆଜି ହଠାତ୍ କରୋନା ପାଇଁ କ୍ୟାବିନେଟ୍ ବୈଠକରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ସିନେମା ହଲ୍ ଆଦି ବନ୍ଦ କରିବାକୁ ନିଷ୍ପତ୍ତି ନେଲେ। ଏଥିରେ ବିଜେପି ପକ୍ଷରୁ କୌଣସି ଆପତ୍ତି ନାହିଁ। ମାତ୍ର କେଉଁ କାରଣ ପାଇଁ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଦିବସ ଗୁଡ଼ିକୁ ବଳି ପକାଇଲେ ତାହା ବୁଝାପଡୁନାହିଁ। ଏହା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଥିବା ମନେ ହେଉଛି ବୋଲି ଶ୍ରୀ ନାଏକ ସନ୍ଦେହ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପାର୍ଲାମେଣ୍ଟ ଚାଲିବା ସହ ଅଧିକାଂଶ ରାଜ୍ୟମାନଙ୍କ ବିଧାନସଭା ବଜେଟ ଅଧିବେଶନ ଚାଲିଛି। ମାତ୍ର କୌଣସି ରାଜ୍ୟରେ ଅଧିବେଶନକୁ ଆଗୁଆ ସ୍ଥଗିତ ରଖାଯାଇନଥିବା ବେଳେ ଓଡ଼ିଶାରେ କ'ଣ ପାଇଁ ରଖାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଦୂରଦୃଷ୍ଟିହୀନ ନିଷ୍ପତ୍ତି ଦ୍ୱାରା ଏହା ସାଧାରଣ ଲୋକଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇବାର ସମ୍ଭାବନା ରହିଛି।

# 'କାଡାଭରିକ୍ ପ୍ରତିରୋପଣକୁ ବ୍ୟାପକ କରାଯିବ'



**କଟକ :** କାଡାଭରିକ୍ ପ୍ରତିରୋପଣ ଓ ଅଙ୍ଗଦାନ ପ୍ରକ୍ରିୟାକୁ ବ୍ୟାପକ କରାଯିବ। କଟକ ବଡ ଡାକ୍ତରଖାନା ନେଫ୍ରୋଲୋଜି ବିଭାଗ ପକ୍ଷରୁ ଅନୁଷ୍ଠିତ ବିଶ୍ୱ କିଡ୍‌ନୀ ଦିବସରେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଏହା କହିଛନ୍ତି। ଡିନ୍ ତଥା ଅଧକ୍ଷା ପ୍ରଫେସର ଡାକ୍ତର ଜୟଶ୍ରୀ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ, କାଡାଭରିକ୍ ପ୍ରତିରୋପଣ କ୍ଷେତ୍ରରେ ଏସ୍‌ସିବି ଯେଉଁ ଇତିହାସ ସୃଷ୍ଟି କରିଛି, ତାହା ରାଜ୍ୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଗାମୀ ଦିନରେ କିଡ୍‌ନୀ ସହ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ କିପରି ପ୍ରତିରୋପଣ କରାଯାଇପାରିବ, ସେ ସମ୍ପର୍କିତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ତା' ଛଡା, ମୁଖ୍ୟମନ୍ତ୍ରୀ ଏସ୍‌ସିବିକୁ ବିଶ୍ୱସ୍ତରୀୟ ମାନ୍ୟତା ପାଇଁ ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ସେଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଭାରତର ପ୍ରଥମ କାଡାଭରିକ୍ ପ୍ରତିରୋପଣ କରିଥିବା ମୁମ୍ବାଇର ପ୍ରସିଦ୍ଧ ଚିକିତ୍ସା ବିଶେଷଜ୍ଞା ପ୍ରଫେସର ଡାକ୍ତର ବତ୍ସଳା ତ୍ରିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେ କହିଥିଲେ, କାଡାଭରିକ୍ ପ୍ରତିରୋପଣ କ୍ଷେତ୍ରରେ ଗୋଟିଏ ମାସରେ ଓଡ଼ିଶା ତଥା କଟକ ବଡ ମେଡିକାଲ ଏକ ନୂଆ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଆଗକୁ ରାଜ୍ୟରେ ଏହି କାଡାଭରିକ୍ ପ୍ରତିରୋପଣ ଅନେକ ରୋଗୀଙ୍କୁ ନୂଆ ଜୀବନ ଦେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସୂଚନାଥାଉ କି, ପ୍ରଫେସର ତ୍ରିବେଦୀ ୧୯୯୭ରେ ଭାରତର ପ୍ରଥମ କାଡାଭରିକ୍ ପ୍ରତିରୋପଣ ଅସ୍ତ୍ରୋପଚାର କରିଥିଲେ। ଅନ୍ୟତମ ଅତିଥି ଭାବେ ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ସତ୍ୟଜିତ୍ ମହାନ୍ତି, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ଅନ୍ନଦା ପ୍ରସାଦ ପଟ୍ଟନାୟକ, ୟୁରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତା, ନେଫ୍ରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ଚିତ୍ତରଞ୍ଜନ କର, ପ୍ରଫେସର ଶଶିଭୂଷଣ ରାଉତ୍ ପ୍ରମୁଖ ମଞ୍ଚାସୀନ ଥିଲେ। ଏସ୍‌ସିବିରେ ବର୍ତ୍ତମାନ ସୁଦ୍ଧା ୧୬୫ଜଣ ରୋଗୀଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିବା ବେଳେ ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ଅଧିକ କରାଯିବ ବୋଲି ପ୍ରଫେସର ହୋତା ସୂଚନା ଦେଇଛନ୍ତି।

# ଏପ୍ରିଲ ୧୫ ପର୍ଯ୍ୟନ୍ତ ଆଇପିଏଲ୍ ସ୍ଥଗିତ



**ମୁମ୍ବାଇ :** ଆସନ୍ତା ୨୯ ତାରିଖଠାରୁ ଆଇପିଏଲ୍‌ର ତ୍ରୟୋଦଶ ସଂସ୍କରଣ ଆରମ୍ଭ ହେବାକୁ ଥିଲେ ହେଁ କରୋନା ଭୂତାଣୁର ବ୍ୟାପକତା କାରଣରୁ ଏହି ଟୁର୍ଣ୍ଣାମେଣ୍ଟ ପାଖାପାଖି ଦୁଇ ସପ୍ତାହ ବିଳମ୍ବିତ ହୋଇଛି। ଅର୍ଥାତ୍ ଏହି ସଂସ୍କରଣ ମାର୍ଚ୍ଚ ୨୯ ପରିବର୍ତ୍ତେ ଏପ୍ରିଲ୍ ୧୫ ତାରିଖଠାରୁ ଖେଳାଯିବ ବୋଲି ଆୟୋଜକ ବିସିସିଆଇ ପକ୍ଷରୁ ଏକ ବିବୃତି ମାଧ୍ୟମରେ କୁହାଯାଇଛି। ଏଥିସହ ପ୍ରଥମ ଥର ପାଇଁ ଏହି ଲିଗ୍ ବିଳମ୍ବିତ ହୋଇଛି। ପୂର୍ବରୁ ୨୦୦୯ରେ ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ସାଧାରଣ ନିର୍ବାଚନ କାରଣରୁ ବିଦେଶରେ ଖେଳାଯାଇଥିଲା। କରୋନା ବ୍ୟାପୁଥିବାରୁ ଗୁରୁବାର ବିସିସିଆଇ ପକ୍ଷରୁ କେତେକ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି ହୋଇଥିଲା। ଏହି ନିର୍ଦ୍ଦେଶନାମା ଅନୁସାରେ, କୌଣସି ପ୍ରକାର କ୍ରିକେଟ୍ ମ୍ୟାଚ୍ ଖାଲି ଷ୍ଟାଡିୟମ୍‌ରେ ଖେଳାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଧିକନ୍ତୁ ଭାରତ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆସନ୍ତା ଏପ୍ରିଲ୍ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭିସାକୁ ବାତିଲ୍ କରାଯାଇଛି।

# କରୋନା ମୁକାବିଲା ପାଇଁ ଡିଜିପିଙ୍କ ତତ୍ପରତା



**କଟକ :** ପୋଲିସ ମୁଖ୍ୟାଳୟଠାରେ ଡିଜିପି ଶ୍ରୀ ଅଭୟ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ବୈଠକ କରିଛନ୍ତି। ଏଥିରେ ବିଭିନ୍ନ ରେଞ୍ଜ ଆଇଜି, ପୁଲିସ କମିଶନର, ଡିସିପି, ଓ ସବୁ ଜିଲ୍ଲାର ଏସ୍‌ପିମାନେ ଯୋଗଦେଇଥିଲେ। ଏହି କନଫରେନ୍ସିଂ ମାଧ୍ୟମରେ କରୋନା ଭୂତାଣଜନିତ ରୋଗର ନିରାକରଣ ନିମନ୍ତେ ରାଜ୍ୟ ସରକାର ଯେଉଁ ସବୁ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି ସେ ସଂକ୍ରାନ୍ତରେ ଡିଜିପି ଆଲୋଚନା କରିଥିଲେ। ପୁଲିସ ପ୍ରଶାସନ କିଭଳି ଏହାର ମୁକାବିଲା କରିବା ସହ ବାରାକଗୁଡ଼ିକରେ ସତର୍କତା ଅବଲମ୍ବନ କରିବା ନେଇ ବିଶେଷ ଆଲୋଚନା ହୋଇଥିଲା। ବେଆଇନ ଗଞ୍ଜେଇ ଚାଷ ରୋକାଯିବା ନେଇ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ଉପାନ୍ତ ଜିଲ୍ଲାମାନଙ୍କରେ ବେଆଇନ ଭାବେ ଗଞ୍ଜେଇ ଚାଷ ହେଉଥିବାରୁ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ବିଭିନ୍ନ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ସେହିପରି ରାଜ୍ୟରେ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ପଦକ୍ଷେପ ନେବା ପାଇଁ ଡିଜିପି ଶ୍ରୀ ଅଭୟ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ପୁଲିସ ପକ୍ଷରୁ ପ୍ରଥମକରି ଏକ ମହିଳା ପୁଲିସ ସମ୍ମିଳନୀ ଗତ ୬ତାରିଖରେ ଅନୁଷ୍ଠିତ ହୋଇଥିଲା। ମହିଳା ପୁଲିସ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନର ଶିକାର ହେବା, ଲିଙ୍ଗଗତ ଅସାମନତା ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରସଙ୍ଗ ମହିଳା ପୁଲିସ ସମ୍ମିଳନୀରେ ଆଲୋଚନା ହୋଇ ଏହାର ସାରାଂଶ ପୁଲିସ ମୁଖ୍ୟାଳୟକୁ ଅବଗତ କରାଯାଇଥିଲା। ଏ ସଂକ୍ରାନ୍ତରେ ଡିଜିପି ଆଲୋଚନା କରି ରାଜ୍ୟ ସରକାରଙ୍କୁ ଏ ପ୍ରସଙ୍ଗରେ କ'ଣ ପ୍ରସ୍ତାବ ଦିଆଯିବ ସେ ବିଷୟରେ ମଧ ଆଲୋଚନା ହୋଇଥିଲା। ବିଭିନ୍ନ ସମ୍ବେଦନଶୀଳ ଅପରାଧଗୁଡ଼ିକରେ ଯୁଗ୍ମ ତଦନ୍ତର ସ୍ଥିତି ସମ୍ପର୍କରେ ଆଲୋଚନା ହେବା ସହ ଶେଷ ହୋଇନଥିବା ବହୁ ତଦନ୍ତକୁ ତ୍ୱରାନ୍ୱିତ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଯୋଗ୍ୟ ପୁଲିସ ଅଧିକାରୀମାନେ ଉଲ୍ଲେଖନୀୟ ତଦନ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ମେଡାଲ ପାଇଁ ଆବେଦନ ଉପରେ ଆଲୋଚନା ହେବା ସହ ଥାନାଗୁଡ଼ିକର କଣ୍ଟିଜେନ୍ସି ଫଣ୍ଡର ସଦ୍ ଉପଯୋଗ ଦେଇ ଡିଜିପି ଗୁରୁତ୍ୱ ଦେଇଥିଲେ। ଏହାଛଡ଼ା ବାଟାଲିୟନ୍‌ସ୍ତରରେ ନିୟମିତ ପଦୋନ୍ନତି ବୋର୍ଡ ବସାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଡିଜି ବିନୟତୋଷ ମିଶ୍ର, ଏଡିଜି (ଆଇନଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଆଇଜି (ଆଧୁନିକୀକରଣ) ରେଖା ଲୋହାନିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଆଇପିଏସ୍ ଅଫିସର ଏହି ବୈଠକରେ ଯୋଗ ଦେଇଥିଲେ।

# ଜୁଲାଇ ୧ରୁ ପେନ୍‌ସନଧାରୀଙ୍କୁ ୫% ମହଙ୍ଗା ଭତ୍ତା



**ଭୁବନେଶ୍ୱର :** ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୨୦୨୦ ଜାନୁଆରୀ ୧ରୁ ମହଙ୍ଗା ଭତ୍ତା (ଡିଏ) ଘୋଷଣା କରିଥିବା ରାଜ୍ୟ ସରକାର ପେନସନଧାରୀଙ୍କ ପାଇଁ ୨୦୧୯ ଜୁଲାଇ ୧ରୁ ମହଙ୍ଗା ଭତ୍ତା ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ ୩ଲକ୍ଷ ପେନସନଧାରୀ ଉପକୃତ ହେବେ। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ୨୦୧୯ ଜୁଲାଇ ୧ ତାରିଖରୁ ଅଧିକ ୫ ପ୍ରତିଶତ ମହଙ୍ଗା ଭତ୍ତା ପାଇବେ। ସେମାନଙ୍କ ମହଙ୍ଗା ଭତ୍ତା ପରିମାଣ ୧୨%ରୁ ୧୭%କୁ ବୃଦ୍ଧି ପାଇବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ସେମାନଙ୍କୁ ଆସନ୍ତା ମାସର ପେସନରେ ମିଳିବ। ସୂଚନାଥାଉ କି, ରାଜ୍ୟ ସରକାର ନିଜର ନିୟମିତ କର୍ମଚାରୀମାନଙ୍କ ପାଇଁ ବାର୍ଷିକ ୨ଥର ମହଙ୍ଗା ଭତ୍ତା ଘୋଷଣା କରୁଥିବା ବେଳେ ଚଳିତବର୍ଷ ଗୋଟିଏ ମହଙ୍ଗା ଭତ୍ତା ଡୋଜକୁ ବାଦ୍ ଦେଇ ଜାନୁଆରୀ ୧ରୁ ୫% ମହଙ୍ଗା ଭତ୍ତା ଘୋଷଣା କରିଥିଲେ। କିନ୍ତୁ କର୍ମଚାରୀମାନେ ଏହାକୁ ତୀବ୍ର ବିରୋଧ କରିବା ସହ ଆନ୍ଦୋଳନ ପାଇଁ ସଜବାଜ ହେବା ପରେ ରାଜ୍ୟ ସରକାର ସେମାନଙ୍କର ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏପ୍ରିଲ ପହିଲାରେ ରାଜ୍ୟ କର୍ମଚାରୀମାନଙ୍କୁ ମଧ ଅନୁରୂପ ଭାବେ ବକେୟା ମହଙ୍ଗା ଭତ୍ତା ମିଳିବା ପାଇଁ ବିଜ୍ଞପ୍ତି ଜାରି ହେବ ବୋଲି ସୂଚନା ମିଳିଛି।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


30ft Internal Road
Mouza : Pandiapada
Contact Immediately :
8658607286 / 8917571455
PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି